**ମାନ୍ୟବର ବାଚସ୍ପତି ମହୋଦୟ !**

ମୁଁ ବର୍ତ୍ତମାନ ସାଧାରଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି ।

ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ୍ୟ ଦେବତା ଏବଂ ଓଡ଼ିଆ ସଂସ୍କୃତିର ମୂଳ ଉତ୍ସ । ପୁରୀ ହେଉଛି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନିବାସ ସ୍ଥଳୀ । ତାଙ୍କର ଦର୍ଶନ ପାଇଁ ସମଗ୍ର ବିଶ୍ୱରୁ କୋଟି କୋଟି ଭକ୍ତ ଏବଂ ପର୍ଯ୍ୟଟକ ଆସିଥାନ୍ତି । ପୁରୀର ସାମଗ୍ରୀକ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ସରକାର **"ଅବଢ଼ା"** (Augmentation of Basic Amenities & Development of Heritage and Architecture) ନାମରେ ଏକ ନୂତନ ଯୋଜନା ପ୍ରଣୟନ କରିଛନ୍ତି । ଏହା ପୁରୀକୁ ଏକ ବିଶ୍ୱ ସ୍ତରୀୟ ଐତିହ୍ୟ ସମ୍ପନ୍ନ ନଗରୀରେ ପରିଣତ କରିବ । ଏଥିପାଇଁ ପ୍ରାଥମିକ ଭାବେ 2017-18 ଆର୍ଥିକ ବର୍ଷରେ **100 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

**ରାଜ୍ୟର ଆର୍ଥିକ ପରିଚାଳନାର ମୁଖ୍ୟାଂଶ**

2. ରାଜ୍ୟ ସରକାର 2005-06 ଆର୍ଥିକ ବର୍ଷରେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ 2005 ପ୍ରଣୟନ କରିଛନ୍ତି । ସେବେଠାରୁ ଏ ଅଧିନିୟମରେ ଧାର୍ଯ୍ୟ ହୋଇଥିବା ସମସ୍ତ ଆର୍ଥିକ ସୂଚକାଙ୍କ ହାସଲ କରିବାରେ ରାଜ୍ୟ ସମର୍ଥ ହୋଇଛି ।

3. ରାଜ୍ୟ ଯୋଜନା ଅଟକଳ 2007-08 ଆର୍ଥିକ ବର୍ଷରେ 5105 କୋଟି ଟଙ୍କା ଥିବାବେଳେ 2016-17 ବଜେଟ ଅଟକଳ ଅନୁସାରେ ୨

ବର୍ଷ ମଧ୍ୟରେ ଯୋଜନା ଅଟକଳ ବୃଦ୍ଧି ପାଇ 50 ହଜାର କୋଟି ଟଙ୍କାରେ ପହଞ୍ଚିଲାଣି । ଏହି ବୃଦ୍ଧି ପରିମାଣ 10 ଗୁଣ ଅଟେ । ସେହିପରି 2007-08 ଆର୍ଥିକ ବର୍ଷରେ ପୁଞ୍ଜି ଅଟକଳ 2843 କୋଟି ଟଙ୍କା ଥିବାବେଳେ 2016-17 ଆର୍ଥିକ ବର୍ଷ ବଜେଟ ଅଟକଳ ଅନୁସାରେ 16750 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ଘରୋଇ ଉତ୍ପାଦର 4.42 ପ୍ରତିଶତ । ଏହି ପୁଞ୍ଜି ବ୍ୟୟ ଅଟକଳ, ରାଜସ୍ୱ ହିସାବର  ବଳକା ଅର୍ଥ ଏବଂ କିଛି ସରକାରୀ ଋଣ ଦ୍ୱାରା ଭରଣା ହେଉଛି । ତେଣୁ ପୂର୍ବବର୍ଷ ଭଳି ଆମେ 2016-17 ଆର୍ଥିକ ବର୍ଷରେ ଅଧିକ ପୁଞ୍ଜି ବ୍ୟୟପାଇଁ ବିଜ୍ଞତାର ସହ ବଜେଟ ଅଧିନିୟମ ନର୍ଦ୍ଦେଶିତ ସୀମା ମଧ୍ୟରେ ଖୋଲା ବଜାରରୁ ଋଣ ଆଣିଛୁ ।

4. 2016-17 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ବଳକା 7243 କୋଟି ଟଙ୍କା ହେବ ଏବଂ ବିତ୍ତିୟ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର 3.20 ପ୍ରତିଶତରେ ରହିବ । ଟିକସ ସାମଗ୍ରୀକ ଘରୋଇ ଉତ୍ପାଦ ଅନୁପାତ ଏବଂ ବର୍ଷ ଶେଷରେ ଋଣଭାର ସାମଗ୍ରିକ ଘରୋଇ ଉତ୍ପାଦ ଅନୁପାତ ଯଥାକ୍ରମେ 6.12 ପ୍ରତିଶତ ଓ 16.45 ପ୍ରତିଶତ ହେବବୋଲି ଆଶା  କରାଯାଉଛି ।

## 2017-18 ଆର୍ଥିକ ବର୍ଷର ବଜେଟ୍ ଅଟକଳ

5. 2017-18 ଆର୍ଥିକ ବର୍ଷରେ ଦରମା 22 ହଜାର କୋଟି ଟଙ୍କା, ପେନସନ୍ 11,313 କୋଟି ଟଙ୍କା, ସୁଧଦେୟ 5 ହଜାର କୋଟି ଟଙ୍କା ଏବଂ ପୁଞ୍ଜି ସମ୍ପତ୍ତି ପରିଚାଳନା ପାଇଁ 5177 କୋଟି ଟଙ୍କାକୁ ମିଶାଇ

ମୋଟ ପ୍ରଶାସନିକ ବ୍ୟୟ 47,465 କୋଟି ଟଙ୍କା ହେବବୋଲି ଆକଳିତ ହୋଇଛି ।

6. 2017-18 ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ଖର୍ଚ୍ଚ 57,800 କୋଟି ଟଙ୍କା ହେବ । ଏଥିରେ ସରକାରୀ କ୍ଷେତ୍ର ଓ ସରକାରୀ ଉଦ୍ୟୋଗ ପାଇଁ ଯଥାକ୍ରମେ 52,800 କୋଟି ଟଙ୍କା ଓ 5 ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ ।

7. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ବ୍ୟୟ ଅଟକଳ 1824 କୋଟି ଟଙ୍କା ହେବ । ଏହାବାଦ ରାଜ୍ୟରୁ ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କୁ 4,822 କୋଟି ଟଙ୍କା ହସ୍ତାନ୍ତରିତ ହେବ ।

8. ଏହିପରି 2017-18 ଆର୍ଥିକ ବର୍ଷରେ ମୋଟ ବ୍ୟୟ ଅଟକଳ 1,06,911 କୋଟି ଟଙ୍କା । ଆର୍ଥିକ ବର୍ଷ 2017-18ରେ ପୁଞ୍ଜି ଖର୍ଚ୍ଚ 20,774 କୋଟି ଟଙ୍କା ଆକଳନ କରାଯାଇଛି; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 5.04 ପ୍ରତିଶତ । ଏହାକୁ ମିଶାଇ ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ନିର୍ମାଣ ପାଇଁ ଅନୁଦାନ ଏବଂ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ମୋଟ ବ୍ୟୟ ବରାଦ 9,023 କୋଟି ଟଙ୍କା ଅଟେ; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 2.2 ପ୍ରତିଶତ ।

## 2017-18 ଆର୍ଥିକ ବର୍ଷ ବଜେଟ ପାଇଁ ଅର୍ଥ ଉତ୍ସ

9. 2017-18 ଆର୍ଥିକ ବର୍ଷ ପାଇଁ ଆମେ ସଂଗଠିତ ପାଣ୍ଠିରୁ 1,06,911 କୋଟି ଟଙ୍କା ଖର୍ଚ୍ଚ ପାଇଁ ଆକଳିତ କରିଛୁ । ଏଥି ମଧ୍ୟରୁ ରାଜସ୍ୱ ପ୍ରାପ୍ତି 88,932 କୋଟି ଟଙ୍କା, ଋଣ ପରିଶୋଧ ଏବଂ ଅଗ୍ରୀମ ଆଦାୟରୁ 130

କୋଟି ଟଙ୍କା, ଋଣ ଏବଂ ଅନ୍ୟାନ୍ୟ ପ୍ରାପ୍ତିରୁ 17,849 କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି ।

10. 2017-18 ଆର୍ଥିକ ବର୍ଷ ପାଇଁ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ ପାଇଁ 31,422 କୋଟି ଟଙ୍କା, ରାଜ୍ୟର ନିଜ ଟିକସ 26,800 କୋଟି ଟଙ୍କା, ନିଜ ଅଣ ଟିକସ ରାଜସ୍ୱ 9,500 କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନ 21,210 କୋଟି ଟଙ୍କା ଅନ୍ତର୍ଭୁକ୍ତ । ଆର୍ଥିକ ବର୍ଷ 2017-18ରେ ଟିକସ/ସାମଗ୍ରିକ ଘରୋଇ ଉତ୍ପାଦର ଅନୁପାତ 6.50 ପ୍ରତିଶତ ହେବ ।

**ଦ୍ରବ୍ୟ ଓ ସେବାକର**

11. ଦ୍ରବ୍ୟ ଓ ସେବାକର ପରୋକ୍ଷ କର ସଂସ୍କାର କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟମାନଙ୍କର ମିଳିତ ଉଦ୍ୟମର ଏକ ପ୍ରମୁଖ ପଦକ୍ଷେପ । ରାଜ୍ୟ ଓ କେନ୍ଦ୍ର ଆଦାୟ କରୁଥିବା ବିଭିନ୍ନ କର ଦ୍ରବ୍ୟ ଓ ସେବାକରରେ ମିଶ୍ରଣ ଘଟିବ । ଏକଶହ ଏକତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ଗଠିତ ଦ୍ରବ୍ୟ ଓ ସେବାକର ପରିଷଦରେ ରାଜ୍ୟ ଓ ବିଧାନସଭା ଥିବା କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ସଦସ୍ୟ ଅଛନ୍ତି । ଗତ ଦଶଟି ବୈଠକରେ ଏହି ପରିଷଦ ଆଦର୍ଶ ଚିଠା ଆଇନ (SGST, CGST, IGST ଏବଂ GST Compensation) ସମେତ ବିଭିନ୍ନ ବିଷୟ ଉପରେ ପର୍ଯ୍ୟାଲୋଚନା କରୁଛନ୍ତି । ସାମ୍ବିଧାନିକ ବ୍ୟବସ୍ଥା ଏବଂ ଚିଠା କ୍ଷତିପୂରଣ ଆଇନ ଅନୁଯାୟୀ GST ଲାଗୁ ଫଳରେ ଯଦି କ୍ଷତି ଘଟେ, ରାଜ୍ୟ ପାଞ୍ଚ ବର୍ଷ ପାଇଁ କ୍ଷତିପୂରଣ ପାଇବ । ଆର୍ଥିକ ବର୍ଷ 2015-16ରେ ଆଦାୟ ରାଜସ୍ୱ ମୂଳବର୍ଷର ରାଜସ୍ୱ ବୋଲି ଧରାଯିବ । ମୂଳବର୍ଷରେ ଆଦାୟ ରାଜସ୍ୱରେ 14 ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରାଯାଇ ରାଜସ୍ୱ ନିର୍ଦ୍ଧାରଣ

କରାଯିବ । ଦ୍ରବ୍ୟ ଓ ସେବା କର ପରିଷଦରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଗଠନମୂଳକ ପ୍ରସ୍ତାବ ଦେବା ସହିତ ସକ୍ରିୟ ଅଂଶଗ୍ରହଣ କରୁଛୁ । ଯଦି ଆବଶ୍ୟକୀୟ ଆଇନ ସଂସଦ ଏବଂ ସମସ୍ତ ରାଜ୍ୟ/ ବିଧାନସଭା ଥିବା କେନ୍ଦ୍ର ଶାସିତ ଅଞ୍ଚଳ ପାରିତ କରନ୍ତି ଦ୍ରବ୍ୟ ଓ ସେବା କର ଜୁଲାଇ 1, 2017 ରୁ ଲାଗୁ ହେବାର ଆଶା କରାଯାଉଛି । ଇତିମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟ ଯଥା GST Network ପ୍ରତିଷ୍ଠା, ଅଧିକାରୀଙ୍କର ପ୍ରଶିକ୍ଷଣ, GSTN କୁ ପଞ୍ଜିକୃତ ବ୍ୟବସାୟୀଙ୍କର ସ୍ଥାନାନ୍ତର ଏବଂ ବିଭିନ୍ନ Stakeholder ଙ୍କ ସହିତ ଆଲୋଚନା ଚାଲିଛି ।

**ପ୍ରମୁଖ କ୍ଷେତ୍ର**

12. ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର ଆମ ରାଜ୍ୟର ଦ୍ରୁତ ଓ ସାମଗ୍ରିକ ବିକାଶ ପାଇଁ ଅଙ୍ଗୀକାରବଦ୍ଧ । ଜନସାଧାରଣ, ବିଶେଷତଃ ମହିଳା, ଅନୁସୂଚୀତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ଦିବ୍ୟାଙ୍ଗ ଏବଂ ଅବହେଳିତ ଆମ ଉନ୍ନୟନ ଖସଡ଼ାର  କେନ୍ଦ୍ରବିନ୍ଦୁ । ଏହି ବଜେଟ ଆମ ରାଜ୍ୟ ଜନସାଧାରଣଙ୍କର ସାମଗ୍ରୀକ ଉନ୍ନତି ଓ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ।

ବର୍ତ୍ତମାନ ମୁଁ ଏହି ବଜେଟର ମୁଖ୍ୟଦିଗ ଗୁଡ଼ିକ ଉପରେ ଆଲୋକପାତ କରିବାକୁ ଯାଉଅଛି ।

**ଶିକ୍ଷା ଓ ଦକ୍ଷତା ଉନ୍ନୟନ**

13. ଶିକ୍ଷା ଓ ଦକ୍ଷତା ବୃଦ୍ଧି ମାନବ ବିକାଶର ମୂଖ୍ୟ ଉତ୍ସ । ଏହା ନିଯୁକ୍ତି ଏବଂ ଜୀବିକା ଅର୍ଜନର ମୂଖ୍ୟ ସହାୟକ ଅଟେ ।

14. ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତି କ୍ରମେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ । ଏପର୍ଯ୍ୟନ୍ତ ରାଜ୍ୟର 14 ଜିଲ୍ଲାରେ ଏପରି 100 ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିଛି । ସେହିପରି ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗୁଡ଼ିକୁ ଉନ୍ନୀତ କରି 3ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଇତିମଧ୍ୟରେ ରମାଦେବୀ ମହିଳା ମହାବିଦ୍ୟାଳରେ ସ୍ଥାପିତ ମହିଳା ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ । ସମ୍ବଲପୁରରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଦୃଷ୍ଟିରୁ ରାଜ୍ୟର ଅନଗ୍ରସର ଜିଲ୍ଲାରେ ୫ ଟି ନୂତନ ଆଦର୍ଶ ଡିଗ୍ରି ସ୍ତରୀୟ ମହାବିଦ୍ୟାଳୟ ଖୋଲାଯାଇଛି । ଏହାଦ୍ୱାରା ଓଡିଶା ଦେଶରେ ଗୋଟିଏ ଜ୍ଞାନକୁଞ୍ଜ ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି ।

15. ଆମ ସରକାର ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଏବଂ ମାଧ୍ୟମିକ ଶିକ୍ଷାକୁ ବ୍ୟାପକ କରିବାକୁ ଅଙ୍ଗୀକାରବଦ୍ଧ। ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ମାଧ୍ୟମିକ ଶିକ୍ଷା ଅଭିଯାନ ନିମନ୍ତେ ଆମ ସରକାର ଯଥାକ୍ରମେ 2000 କୋଟି ଟଙ୍କା, ୫60 କୋଟି ଟଙ୍କା ଓ 706 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖିଛନ୍ତି । ଏ ସମସ୍ତ ବ୍ୟୟ ବରାଦରେ ରାଜ୍ୟଅଂଶ 40 ପ୍ରତିଶତ ଅଟେ । ଅତିରିକ୍ତ ଭାବେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ 55 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

16. ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ସବୁ ପିଲାଙ୍କ ପାଇଁ ମାଗଣାରେ ସ୍କୁଲ ବ୍ୟାଗ ଏବଂ ଉପକରଣ, ପ୍ରଥମ ଶ୍ରେଣୀ ଠାରୁ

ଅଷ୍ଟମ ଶ୍ରେଣୀ ଅଧ୍ୟୟନରତ ସବୁ ପିଲାଙ୍କ ପାଇଁ ମାଗଣାରେ ସ୍କୁଲ ପୋଷାକ, ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସାଇକେଲ୍ ଯୋଗାଇ ଦେବାପାଇଁ ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନା (GMSMY) ଅଧୀନରେ 185 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଆମର ମହାନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଅଟେ । ଏତଦ୍ୱାରା ଆମର ଛାତ୍ରଛାତ୍ରୀମାନଙ୍କ ମନରେ ଶିକ୍ଷା ପ୍ରତି ପ୍ରବଳ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେବ ।

17. ଆର୍ଥିକ ବର୍ଷ 2017-18ରେ 60ଟି ଅଧିକ ଆଦର୍ଶ ବିଦ୍ୟାଳୟ ଖୋଲିବାର ପ୍ରସ୍ତାବ ଅଛି । ଏହି ବିଦ୍ୟାଳୟ ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ 200 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆମେ ରାଜ୍ୟ ସ୍ତରୀୟ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପାଇଁ ପ୍ରସ୍ତାବ ରଖିଛୁ ଏବଂ ଏଥିପାଇଁ 2017-18 ଆର୍ଥିକ ବର୍ଷ ରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସାଧାରଣ ଶିକ୍ଷାରୁ ବଞ୍ଚିତ ଯୁବକ/ଯୁବତୀ ମାନଙ୍କ ନିମନ୍ତେ **ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ** ସ୍ଥାପନା ନେଇ ପ୍ରସ୍ତାବ ଅଛି ଏବଂ ଏଥିପାଇଁ ବଜେଟ୍‌ରେ 5 କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଅଛି । ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲକୁ ଦିଆଯାଉଥିବା ଅନୁଦାନକୁ 1 କୋଟି 50 ଲକ୍ଷ ଟଙ୍କାରୁ 3 କୋଟି ଟଙ୍କାକୁ ବୃଦ୍ଧି କରିବାପାଇଁ ପ୍ରସ୍ତାବ ରଖାଯାଇଛି ।

18. ଯୁକ୍ତ 2 ଶିକ୍ଷା, ଉଚ୍ଚଶିକ୍ଷା ବିଭାଗରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସ୍ଥାନାନ୍ତର ହୋଇଛି ଏବଂ ଏଥିନିମନ୍ତେ ଏହି ଦୁଇ ବିଭାଗ

ମଧ୍ୟରେ ବଜେଟ୍ ଅଟକଳ ଏକ ନିର୍ଦ୍ଧାରିତ କ୍ରମରେ ପୁର୍ନବଣ୍ଟନ ହେବାର ପ୍ରସ୍ତାବ ଅଛି ।

19. ଉଚ୍ଚଶିକ୍ଷା, ଭବିଷ୍ୟତରେ ଏକ ଜ୍ଞାନଭିତ୍ତିକ ସମାଜ ଗଠନ ପାଇଁ ମୁଖ୍ୟ ମାଧ୍ୟମ ଅଟେ । ଏକ ଦୃଢ଼ ଉଚ୍ଚଶିକ୍ଷା ବ୍ୟବସ୍ଥା ଯୁବକ ଯୁବତୀମାନଙ୍କୁ ଉନ୍ନତ ବୃତ୍ତି ଏବଂ ନିଯୁକ୍ତି ଯୋଗାଇ ଦେବାରେ ସହାୟକ ହେବ ।

20. ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଏବଂ ସରକାରୀ ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ 1୪1 କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି । ମେଧାବୀ ଛାତ୍ର/ଛାତ୍ରୀଙ୍କୁ ଶିକ୍ଷାରେ ସଫଳତା ଅର୍ଜନ ପାଇଁ ମାଧ୍ୟମିକ ଶିକ୍ଷା ସମାପ୍ତି ପରେ ଲାପ୍‌ଟପ୍ ଯୋଗାଇ ଦିଆଯାଉଛି । ଏହା ସେମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷା ହାସଲ ନିମନ୍ତେ ସହାୟକ ହେବ। ଏଥିନିମନ୍ତେ 34 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମେଧାବୀ ଛାତ୍ର/ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ 45 କୋଟି ଟଙ୍କା ଓ ଉଚ୍ଚଶିକ୍ଷା ଏବଂ କ୍ୟାରିଅର ନିମନ୍ତେ ପରାମର୍ଶ ଓ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ 3 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି ।

21. ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (RUSA) ଏକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା । ଏହା ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନର ସାମଗ୍ରିକ ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଏହି ଯୋଜନାରେ ରାଜ୍ୟ ଅଂଶ 40 ପ୍ରତିଶତ ଓ ଏଥିନିମନ୍ତେ 1୪0 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି । ଅତିରିକ୍ତ ଭାବେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ଉପାଦାନ ଭାବେ ବୈଷୟିକ ଶିକ୍ଷା ପାଇଁ ୪3 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି ।

22. ଆମେ ମଧ୍ୟ ବିଶ୍ୱ ବ୍ୟାଙ୍କରୁ ରାଜ୍ୟର ଉଚ୍ଚ ଶିକ୍ଷାର ବିକାଶ ପାଇଁ ଆର୍ଥିକ ସହାୟତା ଲୋଡୁଛୁ । ଏହି ପ୍ରକଳ୍ପର ଅଟକଳ 1020 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଆର୍ଥିକ ବର୍ଷ 2017-18ରେ ଏହି ପ୍ରକଳ୍ପରେ 110 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି ।

23. ଆମ ସରକାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ଅଙ୍ଗୀକାରବଦ୍ଧ । ଏହା ସେମାନଙ୍କର ସାମାଜିକ ଉତ୍‌ଥାନ ପାଇଁ ଏକ ମୁଖ୍ୟ ସୋପାନ ଅଟେ । ପ୍ରାୟ 5.47 ଲକ୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଆବାସ, ଖାଦ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ପ୍ରଦାନ ପାଇଁ 7237 ଛାତ୍ରାବାସ ଏବଂ ଛାତ୍ରୀନିବାସର ବ୍ୟବସ୍ଥା କରାଯାଇଛି ।

24. କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ 293 କୋଟି ଟଙ୍କା ବ୍ୟତୀତ ରାଜ୍ୟ ଯୋଜନାରୁ ଅତିରିକ୍ତ ଭାବେ ରାଜ୍ୟ ସରକାର ବୃତ୍ତି ଏବଂ ଷ୍ଟାଇପେଣ୍ଡ ବାବଦରେ 66 କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଅନୁସୂଚିତ ଜାତି ଓ ଜନଜାତି ଛାତ୍ର/ଛାତ୍ରୀ ମାନଙ୍କୁ ନଗରାଞ୍ଚଳର ସର୍ବୋତ୍ତମ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ପାଇଁ ଟ୍ୟୁସନ୍ ଫି ସମେତ ସ୍କୁଲ ପୋଷାକ, ବହି, ଯାତାୟତ, ଖାଦ୍ୟ ଓ ରହିବା ଖର୍ଚ୍ଚ ବାବଦରେ "ଅନ୍ୱେଷା" ଯୋଜନାରେ 35 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ଛାତ୍ରୀ ନିବାସ ନିର୍ମାଣ ନିମନ୍ତେ 182 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସହରାଞ୍ଚଳରେ ଛାତ୍ରାବାସ ଓ ଛାତ୍ରୀ ନିବାସରେ ରହୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କର ଉଚ୍ଚଶିକ୍ଷା ପାଇଁ ସହରାଞ୍ଚଳରେ ଛାତ୍ରାବାସ ଓ

ଛାତ୍ରୀନିବାସ ନିମନ୍ତେ "ଆକାଂକ୍ଷା" ନାମକ ଏକ ଯୋଜନା ପ୍ରଣୟନ କରାଯାଇଛି ।

25. ପାଞ୍ଚ ବର୍ଷରେ ଆଠ ଲକ୍ଷ ଯୁବକ ଯୁବତୀଙ୍କୁ ଗୁଣାତ୍ମକ ଦକ୍ଷତା ପ୍ରଶିକ୍ଷଣ ଦେବାକୁ ଆମର ଲକ୍ଷ୍ୟ ଅଛି । ଆମେ ଓଡ଼ିଶା ଦକ୍ଷତା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଛୁ । ଏହା ରାଜ୍ୟର ବିଭାଗ ମାନଙ୍କ ମଧ୍ୟରେ ମାର୍ଗ ଦର୍ଶିକା, କାର୍ଯ୍ୟ ପରିଦର୍ଶନ ଏବଂ ସମସ୍ତ ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ । ଦକ୍ଷତା ତାଲିମ ପ୍ରାପ୍ତ ଯୁବକଯୁବତୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ନିମନ୍ତେ "Skilled-in-Odisha" ନାମକ ଏକ ଉଚ୍ଚଭିଳାଷୀ ଯୋଜନା ଆରମ୍ଭ କରାଯାଇଛି । ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବା ଓଡ଼ିଶା ଦକ୍ଷତା ଉନ୍ନୟନ ପ୍ରକଳ୍ପ ପାଇଁ 100 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରୀକ ମହାବିଦ୍ୟାଳୟ, ଯାନ୍ତ୍ରୀକ ବିଦ୍ୟାଳୟ, ପଲିଟେକ୍‌ନିକ୍, ଆଇ.ଟି,ଆଇ ପାଇଁ 269 କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଓଡ଼ିଶା ରାଜ୍ୟ ଆତ୍ମ ନିଯୁକ୍ତି ମିଶନ ଏବଂ ଆଇ.ଟି,ଆଇ ଜରିଆରେ ଯୁବକ/ଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ 50 କୋଟି ଟଙ୍କା ଯୋଗାଇ ଦିଆଯିବ । ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ଆକାରରେ 104 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସାମଗ୍ରୀକ ଭାବେ ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ ପାଇଁ 2017-18 ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପୂର୍ବ ବର୍ଷ ତୁଳନାରେ 27.57 ପ୍ରତିଶତ ବୃଦ୍ଧି ପାଇଛି । ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ମୁଁ ସର୍ବାଧିକ 18404 କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

**ସ୍ୱାସ୍ଥ୍ୟ**

26. ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱରେ ଆମରାଜ୍ୟ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ 4 ଅନୁସାରେ 2005-06 ଆର୍ଥିକ ବର୍ଷରେ ରାଜ୍ୟରେ ଶିଶୁ ମୃତ୍ୟୁ ହାର 65 ଥିଲା ବେଳେ 2015-16ରେ ଏହା 40 କୁ ହ୍ରାସ ପାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ରାଜ୍ୟରେ 7ଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା, ଡାକ୍ତର ଓ ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟ ସହାୟକ ଅତିରିକ୍ତ ପଦବୀ ସୃଷ୍ଟି ଏବଂ ଅଞ୍ଚଳ ଆଧାରରେ ଡାକ୍ତର ମାନଙ୍କୁ ପ୍ରୋତ୍ସାହନ ଦେବାର ଉଦ୍ୟମ ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିଛି ।

27. **"ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ"** ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯିବାର ପ୍ରସ୍ତାବ ଅଛି; ଯାହା ଜନ ସ୍ୱାସ୍ଥ୍ୟ ସେବା ପ୍ରତିକ୍ରିୟା ବ୍ୟବସ୍ଥା, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ନିମନ୍ତେ ପୁଞ୍ଜି ନିବେଶ, କାର୍ଯ୍ୟକାରୀ ଭେଷଜ ମହାବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନର ଭିତ୍ତିଭୂମି ଉନ୍ନୟନ ଏବଂ ଗରିବ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ସର୍ବାଧିକ 3 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ । ଆପଣମାନେ ଜାଣି ଖୁସି ହେବେ ଯେ ଏସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ନିରୋଧକ ବ୍ୟବସ୍ଥାରେ ଉନ୍ନତିକରଣ କରାଯିବ ଏବଂ ପରିମଳ ସୁବିଧା ଯୋଗାଇ ଦିଆଯିବ । ଏଥିନିମନ୍ତେ ବଜେଟରେ 345 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

28. ନୂତନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ 400 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ଅଧିକ ଡ଼ାକ୍ତର ସୃଷ୍ଟି କରିବାରେ ସହାୟକ ହେବ ।

29. ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ଶିଶୁ ଓ ମାତୃ ମୃତ୍ୟୁ ହାର ସମ୍ପୂର୍ଣ୍ଣ ନିରାକରଣ ଅଭିଯାନ (SAMPURNA) ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି । ଏହା ଉଭୟ ମା' ଓ ଶିଶୁର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ରାଜ୍ୟର 15 ଟି ଜିଲ୍ଲା, ଯେଉଁଠି ଶିଶୁ ଓ ମାତୃ ମୃତ୍ୟୁ ହାର ଅଧିକ, ତା'ର ହ୍ରାସ ନିମନ୍ତେ ଏହି ଯୋଜନାରେ 45 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

30. ଔଷଧ ହେଉଛି ନିଜ ଆୟ ପରିସର ବାହାରେ ସ୍ୱାସ୍ଥ୍ୟ ଜନିତ ବ୍ୟୟର ଏକ ପ୍ରମୁଖ ଅଂଶ । ଔଷଧର ମୂଲ୍ୟ ବୃଦ୍ଧି ଯୋଗୁଁ ଚିକିତ୍ସା ଖର୍ଚ୍ଚ ବହନ କରିବା ଗରିବ ଏବଂ ଅବହେଳିତ ଲୋକଙ୍କ ସାମର୍ଥ୍ୟ ବାହାରେ । ଆମେ ଓଡ଼ିଶା ରାଜ୍ୟ ମେଡ଼ିକାଲ ନିଗମ ମାଧ୍ୟମରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇଦେବା ପାଇଁ **ନିରାମୟ** ଯୋଜନା ପ୍ରଣୟନ କରିଛୁ । ଏହା ସରକାରୀ ହାସପାତାଳରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ବ୍ୟୟଭାର ଲାଘବ କରିବାରେ ସହାୟକ ହେବ। ଏଥିପାଇଁ ବଜେଟରେ 253 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପୁନଶ୍ଚ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ 1229 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

31. ରାଜ୍ୟ କର୍ମଚାରୀ ବୀମା ଯୋଜନା 4 ଲକ୍ଷ ବୀମାଭୁକ୍ତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟଗତ ସୁବିଧା ପ୍ରଦାନ କରିଥାଏ । ଏହି ଯୋଜନା ପାଇଁ 64 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

32. ଆମେ ମଧ୍ୟ 11 ଟି ଅନଗ୍ରସର ଜିଲ୍ଲାରେ ବେସରକାରୀ ଭାଗିଦାରିରେ ସ୍ୱାସ୍ଥ୍ୟର ଯତ୍ନ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରୟାସ ଜାରିରଖିଛୁ । ଏଥି ପାଇଁ ସ୍ୱାସ୍ଥ୍ୟ ନିବେଶ ନୀତି ପ୍ରଣୀତ ହୋଇଛି ।

33. ଆପଣମାନେ ଜାଣି ଖୁସି ହେବେ ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ବ୍ୟୟ ବରାଦ ପରିମାଣ 2016-17 ଆର୍ଥିକ ବର୍ଷରେ 4772 କୋଟି ଟଙ୍କା ଥିବା ବେଳେ 2017-18 ଆର୍ଥିକ ବର୍ଷରେ 5690 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ଅଭିବୃଦ୍ଧି ହାର 20 ପ୍ରତିଶତ ।

**<u>ପାନୀୟ ଜଳ ଏବଂ ପରିମଳ</u>**

ମାନ୍ୟବର ବାଚସ୍ପତି ମହୋଦୟ !

ପର୍ଯ୍ୟାପ୍ତ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଆମ ସରକାର ସବୁଠାରୁ ବେଶି ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

34. ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ କିମ୍ବଦନ୍ତୀ ପୁରୁଷ ବକ୍ସି ଜଗବନ୍ଧୁଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳୀ ଜଣାଉଛୁ ଏବଂ ସେହି ଉଦ୍ଦେଶ୍ୟରେ ଜନବସତି ମାନଙ୍କୁ ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳ ଯୋଗାଣ (BASUDHA) ନାମକ ଏକ ନୂତନ ଯୋଜନା ପ୍ରଣୟନ କରିଛୁ । ଏହାର ଦୁଇଟି ଭାଗ ରହିଛି - ବକ୍ସି ଜଗବନ୍ଧୁ ସହାରାଞ୍ଚଳ

ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଏବଂ ବକ୍ସି ଜଗବନ୍ଧୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ । ଏହା ନୂତନ ଜଳ ଯୋଗାଣ ସୁବିଧା ପାଇଁ ଉଦ୍ଦିଷ୍ଟ । ଏହି ବସୁଧା ଯୋଜନା ପାଇଁ ନଗରାଞ୍ଚଳ ଓ ଗ୍ରାମାଞ୍ଚଳ ନିମନ୍ତେ ଯଥାକ୍ରମେ 315 କୋଟି ଟଙ୍କା ଓ 750 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

35. ବ୍ରହ୍ମପୁର ସହର ଏବଂ ଆଖପାଖ ଗ୍ରାମରେ ଜଳ ଯୋଗାଣ ସମସ୍ୟା ଦୂର କରିବାପାଇଁ ଜାନିଭିଲି ଜଳାଶ୍ରୟରୁ ବ୍ରହ୍ମପୁର ସହର ଏବଂ 53 ଟି ଗ୍ରାମକୁ ଜଳ ଯୋଗାଣ ପାଇଁ ଏକ ବୃହତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ପାଇଁ 489 କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

**36.** ଯଦିଓ ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ (NRDWP) ପାଇଁ ବ୍ୟୟବରାଦ ବିଗତ କିଛି ବର୍ଷ ହେଲା ବୃଦ୍ଧି ପାଇନାହିଁ, ଆମେ ଆମ ସମ୍ବଳରୁ ବଜେଟ୍‌ରେ ବ୍ୟୟବରାଦ ବୃଦ୍ଧି କରିବା ପାଇଁ ପ୍ରୟାସ କରିଛୁ । ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ ସହଭାଗିତାରେ 300 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

37. ଆମେ ମଧ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଛୁ । ପଞ୍ଚାୟତ ଏବଂ ନଗରପାଳିକା ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ମତେ ପାଉଥିବା ଅର୍ଥରୁ ଅନ୍ତତଃ 30 ପ୍ରତିଶତ ଅର୍ଥ ପାନୀୟ ଜଳ ଯୋଗାଣ ପାଇଁ ଖର୍ଚ୍ଚ ହେବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ

ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଜଳ ଯୋଗାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ସ୍ଥାନୀୟ ନିକାୟ ସଂସ୍ଥାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଇବେ । ଏତଦ୍‌ବ୍ୟତୀତ ବୃହତ୍ ଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ 250 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

୩୮. ଆମେ ମଧ୍ୟ ସ୍ୱଚ୍ଛ ଭାରତ ମିଶନରେ ଗ୍ରାମାଞ୍ଚଳ ଓ ନଗରାଞ୍ଚଳ ପାଇଁ ଯଥାକ୍ରମେ 1000 କୋଟି ଟଙ୍କା ଓ 1୪୪ କୋଟି ଟଙ୍କା ବ୍ୟୟ ବରାଦ କରିଛୁ ।

## ଗୃହ ନିର୍ମାଣ

୩୯. ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ସୁନ୍ଦର ଘର ବିଜୁ ବାବୁଙ୍କର ସ୍ୱପ୍ନ ଥିଲା । ଏହି ସ୍ୱପ୍ନକୁ ପୁନଶ୍ଚ ସାକାର କରିବା ପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱରେ ଗ୍ରାମାଞ୍ଚଳରେ **ବିଜୁ ପକ୍କା ଘର** ଏବଂ ଅନ୍ୟାନ୍ୟ ଗୃହ ନିର୍ମାଣ ଯୋଜନାରେ ବିଗତ ଦୁଇ ବର୍ଷରେ 10 ଲକ୍ଷ କଚା ଘର ପକ୍କା ଘରରେ ପରିଣତ ହୋଇଛି; ଯଦ୍ଦ୍ୱାରା ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହିସାବରେ ପରିଗଣିତ ହୋଇଛି । 2019 ମସିହା ସୁଦ୍ଧା ଗ୍ରାମାଞ୍ଚଳରେ 15 ଲକ୍ଷ ଗୃହକର୍ତ୍ତାଙ୍କୁ ପକ୍କା ଘର ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଓ ବିଜୁ ପକ୍କା ଘର ପାଇଁ ସଂଯୋଜନା ମାଧ୍ୟମରେ 3100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

40. ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିବାକୁ ଆମେ **"ଓଡିଶା ନଗରାଞ୍ଚଳ ଗୃହ ନିର୍ମାଣ ମିଶନ"** ଅକ୍ଟୋବର 2015 ରେ ଆରମ୍ଭ କରିଛୁ । ଆମେ ଡିସେମ୍ବର 2016 ରୁ ଏହି ଯୋଜନା ଅଧୀନରେ

ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଆବଣ୍ଟନ ଆରମ୍ଭ କରିଛୁ । ଆମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ହିତାଧିକାରୀଙ୍କ ନେତୃତ୍ୱରେ 20 ହଜାର ବାସସ୍ଥାନ ନିର୍ମାଣ, 30 ହଜାର ସୁଲଭମୂଲ୍ୟରେ ଗୃହ ନିର୍ମାଣ ଏବଂ ବସ୍ତି ଉନ୍ନୟନ କରିବା ନିମନ୍ତେ **200 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଛୁ । ଏହିପରି ଭାବରେ ଗୃହ ନିର୍ମାଣ ପାଇଁ ଆମେ ବଜେଟ୍‌ରେ 3300 କୋଟି ଟଙ୍କା ବ୍ୟବସ୍ଥା କରିଛୁ ।

## ମହିଳା ଓ ଶିଶୁ ବିକାଶ

**ମାନ୍ୟବର ବାଚସ୍ପତି ମହୋଦୟ !**

41. "ମମତା" ଏକ ଅଭିନବ ସର୍ତ୍ତମୂଳକ ଅର୍ଥ ହସ୍ତାନ୍ତର ଯୋଜନା । ଏହା ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ଏହାଦ୍ୱାରା 25 ଲକ୍ଷ ମହିଳା ଉପକୃତ ହେବେ ଏବଂ ହିତାଧୀକାରୀଙ୍କ ବ୍ୟାଙ୍କ୍ ଖାତାକୁ 1100 କୋଟି ଟଙ୍କା ପ୍ରେରଣ କରାଯିବ । ଏହି ଉଦ୍ୟମ ରାଜ୍ୟରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

42. ଏହା ଏକ ଖୁସିର ବିଷୟ ଯେ ଆମ "ମମତା" ଯୋଜନାର ସଫଳ ରୂପାୟନ ପରେ ଭାରତ ସରକାର Maternity Benefit Programme ନାମରେ ଏକ ଜାତୀୟ ଯୋଜନା ପ୍ରଣୟନ କରିଛନ୍ତି । Maternity Benefit Programme - MAMATA କେନ୍ଦ୍ର ଓ ରାଜ୍ୟ ମଧ୍ୟରେ 60:40 ଅନୁପାତ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ବଜେଟ୍‌ରେ 378 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

43. ସମ୍ମନ୍ୱିତ ଶିଶୁବିକାଶ ଯୋଜନା 6 ବର୍ଷ ବୟସରୁ କମ୍ ଶିଶୁ ଏବଂ ଗର୍ଭବତୀ ଏବଂ ପ୍ରସୂତୀ ମହିଳାଙ୍କ ପୃଷ୍ଟିସାର ଏବଂ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ 60:40 ଅନୁପାତରେ ଅର୍ଥ ଯୋଗାଇ ଦେବେ । ଏଥିପାଇଁ ବ୍ୟୟବରାଦ ପରିମାଣ 2026 କୋଟି ଟଙ୍କା । ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପାଇଁ 62 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଏବଂ କିଶୋରୀ ବାଳିକାଙ୍କ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଯୋଜନା ସବଳା ନିମନ୍ତେ ୫4 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

44. ଆମେ ଆମ ସମ୍ବଳରୁ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ଅତିରିକ୍ତ ପାରିତୋଷିକ ବାବଦରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରୁଛୁ ଏବଂ ଏଥିପାଇଁ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । **"ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା"** ନାମରେ ଏକ ନୂତନ ଯୋଜାନା ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ଏହି ପିଲାମାନଙ୍କୁ ପୋଷାକ ଯୋଗାଇ ଦେବାପାଇଁ 34 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । **"ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା"** ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନା ମିଶନ ଶକ୍ତି ଅଧୀନରେ ମହିଳା ସ୍ୱୟଂସହାୟିକା ଗୋଷ୍ଠି ଏବଂ ସେମାନଙ୍କ ସଂଘକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ବଜେଟ୍‌ରେ ୨0 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସବୁ ଗର୍ଭବତୀ ମହିଳା ଓ ପ୍ରସୂତୀ ମହିଳାଙ୍କୁ ଏବଂ ସଙ୍କଟାପନ୍ନ ଗର୍ଭବତୀ ମହିଳାଙ୍କୁ ଘରୋଇ ରେସନ ପରିବର୍ତ୍ତେ ଗରମ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ଏକ ଯୋଜନା ପ୍ରଣୟନ

କରାଯାଇଚ୍ଛି । ଏଥିପାଇଁ 70 କୋଟି ଟଙ୍କା ବ୍ୟୟବରାଦ କରାଯାଇଚ୍ଛି । ଆମେ କର୍ମଜୀବି ମହିଳାଙ୍କ ପାଇଁ ହଷ୍ଟେଲ ନିର୍ମାଣ ନିମନ୍ତେ ବଜେଟ୍‌ରେ 10 କୋଟି ଟଙ୍କା ବ୍ୟୟବରାଦ କରିଚ୍ଛୁ । ଶିଶୁ କନ୍ୟା ହ୍ରାସ ହାର ପରିପ୍ରେକ୍ଷୀରେ **'ବିଜୁ କନ୍ୟା ରତ୍ନ ଯୋଜନା'** କାର୍ଯ୍ୟକାରୀ କରାଯାଉଚ୍ଛି । ଏଥିପାଇଁ ବଜେଟ୍‌ରେ 1 କୋଟି ଟଙ୍କା ବ୍ୟୟବରାଦ କରାଯାଇଚ୍ଛି । ଏଚ୍.ଆଇ.ଭି-ଏଡ୍‌ସ ସଂକ୍ରମିତ ପିତାମାତାଙ୍କର ଶିଶୁଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ **'ବିଜୁ ଶିଶୁ ସୁରକ୍ଷା ଯୋଜନା'** କାର୍ଯ୍ୟକାରୀ ହେଉଚ୍ଛି ଏବଂ ଏଥିପାଇଁ ବଜେଟ୍‌ରେ 3 କୋଟି ଟଙ୍କାର ବ୍ୟୟବରାଦ କରାଯାଇଚ୍ଛି ।

## ଅନୁସୂଚିତ ଜାତି, ଜନଜାତି ଅନ୍ୟାନ୍ୟ ପଚ୍ଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟ

45. ଅନୁସୂଚିତ ଜାତି, ଜନଜାତି ଅନ୍ୟାନ୍ୟ ପଚ୍ଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା ଏବଂ ଅର୍ଥନୈତିକ ସଶକ୍ତିକରଣ ଆମ ନୀତିର ମୂଳଭିତ୍ତି ।

46. ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଅନୁଯାୟୀ ଅନୁସୂଚିତ ଜାତି ପାଇଁ ୫3 କୋଟି ଟଙ୍କା ବ୍ୟବସ୍ଥା କରାଯାଇଚ୍ଛି । ଅନୁସୂଚିତ ଜାତିର ଉନ୍ନୟନ ଯୋଜନା ଅଧୀନରେ 220 କୋଟି ଟଙ୍କା ବ୍ୟବସ୍ଥା କରାଯାଇଚ୍ଛି । ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଚ୍ଛି ।

47. ସମ୍ବିଧାନର ଅନୁଚ୍ଛେଦ 275 (1) ର ପ୍ରଥମ ସର୍ତ୍ତ ଅନୁସାରେ ଭାରତ ସରକାର ରାଜ୍ୟର ଜନଜାତିଙ୍କ ମଙ୍ଗଳ ପାଇଁ ଯୋଜନାର ଖର୍ଚ୍ଚ ଉଦ୍ଦେଶ୍ୟରେ ଅନୁଦାନ ପ୍ରଦାନ କରନ୍ତି । ଏଥିରୁ 163 କୋଟି ଟଙ୍କା ବ୍ୟୟବରାଦ କରାଯିବ । ଏତଦ୍‌ବ୍ୟତୀତ ଭାରତ ସରକାରଙ୍କ ଦ୍ୱାରା ଆଦିବାସୀ ଉପଯୋଜନାରେ 140 କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯିବ ।

48. OTELP plus ଯୋଜନା ପାଇଁ 34 କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ଏବଂ ବହିଃ ସାହାଯ୍ୟ ପାପ୍ତ ପ୍ରକଳ୍ପ, Odisha PVTGs Empowerment and Livelihood Improvement Programme (OPELIP) ଅଧୀନରେ ପ୍ରାଚୀନ ଆଦିବାସୀ ଲୋକଙ୍କ ପାଇଁ ପୋଷଣୀୟ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଓ ନିଯୁକ୍ତି ନିମନ୍ତେ 50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

49. ବିଭିନ୍ନ ବିଭାଗ, ବିଶେଷତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ନିଯୁକ୍ତି ଏବଂ ଜୀବିକା, ଦକ୍ଷତା ବୃଦ୍ଧି, ଗୃହ ନିର୍ମାଣ ଏବଂ ବିଦ୍ୟୁତିକରଣ ସଂପର୍କିତ ପ୍ରାୟ ସମସ୍ତ ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏକ ଅବିଚ୍ଛେଦ ଅଙ୍ଗ । ମୋଟାମୋଟି 11,965 କୋଟି ଟଙ୍କା ଅନୁସୂଚୀତ ଜନଜାତି Sub component (ଉପ ଉପଦାନ) ଅଧୀନରେ ଏବଂ 8,116 କୋଟି ଟଙ୍କା ଅନୁସୂଚୀତ ଜାତି Sub component (ଉପ ଉପଦାନ) ଅଧୀନରେ ରଖାଯାଇଛି । ଏହିପରି ଭାବରେ 2017-18 ବର୍ଷ ପାଇଁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ସର୍ବମୋଟ 20,081 କୋଟି ଟଙ୍କା ବ୍ୟବସ୍ଥା କରିବାର ପ୍ରସ୍ତାବ ରହିଛି ।

50. ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ବହୁମୁଖୀ ଗୋଷ୍ଠୀ ତଥା ସାଂସ୍କୃତିକ କେନ୍ଦ୍ର ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣ ଅନ୍ତର୍ଭୁକ୍ତ ।

**ଦିବ୍ୟାଙ୍ଗ, ମହିଳା ଏବଂ ଶିଶୁମାନଙ୍କର ସାମାଜିକ ନିରାପତ୍ତା ଏବଂ ଉନ୍ନତି ଓ ସଶକ୍ତିକରଣ**

51. ଜଣେ ବ୍ୟକ୍ତିକୁ ନିଜସ୍ୱ ସମ୍ପୂର୍ଣ୍ଣ ସାମର୍ଥ୍ୟର ଉପଲବ୍ଧି ଏବଂ ସମ୍ମାନର ସହ ବଞ୍ଚିବା ପାଇଁ ସମାଜ ସାହାଯ୍ୟ କରିବା ଉଚିତ୍ ।

52. ବାର୍ଦ୍ଧକ୍ୟ ଭତ୍ତା, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତା ଏବଂ ଜାତୀୟ ପରିବାର କଲ୍ୟାଣ ଯୋଜନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ National Social Assistance Programme କାର୍ଯ୍ୟକାରୀ ହେଉଛି । ବଜେଟ୍‌ରେ ଏଥିପାଇଁ 977 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । **ମଧୁବାବୁ ପେନ୍‌ସନ୍ ଯୋଜନା** ରେ ଆମେ ସେହି ହାରରେ ଆମ ସମ୍ବଳରୁ ଅତିରିକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛୁ ଏବଂ ଏଥିପାଇଁ ବଜେଟ୍‌ରେ 840 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

53. ଦିବ୍ୟାଙ୍ଗମାନଙ୍କର କଲ୍ୟାଣ ପାଇଁ 73 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ **ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ**; ଯାହାକି ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ, ପ୍ରମାଣପତ୍ର ଏବଂ ଦିବ୍ୟାଙ୍ଗ ଉପଯୋଗୀ ଯନ୍ତ୍ରପାତିର ସିଙ୍ଗଲ୍ ୱଇଣ୍ଡୋ କ୍ୟାମ୍ପରେ ଆବଣ୍ଟନ ନିମନ୍ତେ 30 କୋଟି ଟଙ୍କା, ସେମାନଙ୍କର ଥଇଥାନ ନିମନ୍ତେ 10 କୋଟି ଟଙ୍କା ଏବଂ ଦିବ୍ୟାଙ୍ଗ

ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀ ନିବାସ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ୪ କୋଟି ଟଙ୍କାର ବ୍ୟୟବରାଦ ଅନ୍ତର୍ଭୁକ୍ତ । ଦିବ୍ୟାଙ୍ଗ ମାନଙ୍କ ପାଇଁ କେନ୍ଦ୍ର ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ନିମନ୍ତେ 20 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

54. ବିଭିନ୍ନ ଜିଲ୍ଲାରେ ବୃଦ୍ଧ/ବୃଦ୍ଧାମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଆଖି ଆଗରେ ରଖି ଗୃହ ନିର୍ମାଣ ପାଇଁ 31 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅତିରିକ୍ତ ଭାବେ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ନିମନ୍ତେ 2.50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । କିନ୍ନର ଓ ଅନ୍ୟ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ମଧ୍ୟ ବ୍ୟୟବରାଦ କରାଯାଇଛି । ନିଶା ସେବନରୁ ମୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ଥଇଥାନ ପାଇଁ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

55. ସାମାଜିକ ସୁରକ୍ଷା ଆଇନ୍ ଅନୁଯାୟୀ ଅଣ ସଂଗଠିତ କ୍ଷେତ୍ରର ଶ୍ରମଜିବୀ ମାନଙ୍କ କଲ୍ୟାଣ ପାଇଁ 1 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ ଅନ୍ୟ ରାଜ୍ୟ ଓ ଦେଶକୁ କାର୍ଯ୍ୟ ଅନ୍ୱେଷଣରେ ଯାଇ ନିଷ୍ପେଶିତ ହୋଇଥିବା ଶ୍ରମଜିବୀ ମାନଙ୍କୁ ଉଦ୍ଧାର ଓ ପୁନର୍ବାସ ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## ଖାଦ୍ୟ ନିରାପତ୍ତା ଓ ଶସ୍ୟ ସଂଗ୍ରହ

56. ଜାତୀୟ ଖାଦ୍ୟ ନିରାପତ୍ତା ଅଧିନିୟମ ପ୍ରଚଳିତ ଖାଦ୍ୟ ନିରାପତ୍ତା ଯୋଜନାକୁ ଆଇନଗତ ଅଧିକାରରେ ପରିଣତ କରିଛି । ରାଜ୍ୟ

ସରକାର ରିହାତି ଦରରେ କେ.ଜି ପ୍ରତି 1 ଟଙ୍କା ହାରରେ  ଖାଦ୍ୟ ଶସ୍ୟ (ଚାଉଳ/ ଗହମ ) ଯୋଗାଣ ଚାଲୁ ରଖିବାକୁ ସ୍ଥିର କରିଛନ୍ତି । ଏହା ଅଗ୍ରାଧିକାର ଗୃହ କର୍ତ୍ତା (PHS) ହିତାଧୀକାରୀ ଏବଂ ଅନ୍ୟ ହିତାଧୀକାରୀ ଯଥା ଅନୁସୂଚୀତ ଜାତି/ଜନଜାତି ଛାତ୍ରଛାତ୍ରୀ ନିବାସ ଅନ୍ତେବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏଥିପାଇଁ  ବଜେଟ୍‌ରେ **୫40 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଅଧିକନ୍ତୁ ମୁଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଶୃତି ଦେଉଛି ଯେ, ପ୍ରତ୍ୟେକ ଯୋଗ୍ୟ ପରିବାର ଓ ବ୍ୟକ୍ତି ବିଶେଷ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ପରିସରଭୁକ୍ତ ହେବେ ଓ ଆବଶ୍ୟକ କ୍ଷେତ୍ରରେ ରାଜ୍ୟ ସରକାର ଏଥି ପାଇଁ ସମ୍ବଳ ଯୋଗାଇ ଦେବେ ।

57.  ଯୋଗ୍ୟ ପରିବାରମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନରେ ସଂପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରିବାକୁ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକର କମ୍ପ୍ୟୁଟରୀକରଣ ପାଇଁ ପ୍ରାୟ **29 କୋଟି** ବ୍ୟବସ୍ଥା କରାଯାଇଛି । ଫଳସ୍ୱରୂପ ଜୁନ୍ 2017 ସୁଦ୍ଧା ପ୍ରାୟ ସମସ୍ତ ସୁଲଭମୂଲ୍ୟ ବିକ୍ରି କେନ୍ଦ୍ରରେ ଉପକରଣ ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ରେଶନ କାର୍ଡର ଡିଜିଟାଇଜେସନ୍ ପାଇଁ **7 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

5୫.  ରାଜ୍ୟ ସରକାର ଖରିଫ ଏବଂ ରବି ଧାନ ସଂଗ୍ରହ ପାଇଁ ଏକ ସାମଗ୍ରୀକ ସଂଗହ ନୀତି ପ୍ରଣୟନ କରିଛନ୍ତି । ପ୍ରାଥମିକ  କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କର ନିର୍ଭରଶୀଳ ଡାଟାବେସ ଏବଂ ୱେବ୍ ଭିତ୍ତିକ ଆପ୍ ସୃଷ୍ଟି କରାଯିବ, ଯାହା ସମସ୍ତ ଧାନ ସଂଗ୍ରହ ବ୍ଲକରେ କାର୍ଯ୍ୟକାରୀ ହେଉଛି ।

## ଗ୍ରାମ୍ୟ କର୍ମ ନିୟୋଜନ, ଜୀବିକା ନିର୍ବାହ ଓ ମୌଳିକ ସେବା

59. ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଅଧିନିୟମ ଅନୁଯାୟୀ ଗ୍ରାମୀଣ ଶ୍ରମିକମାନଙ୍କୁ ବର୍ଷରେ ଅନ୍ୟୁନ 100 ଶ୍ରମ ଦିବସ ଯୋଗାଇ ଦେବା ବାଧ୍ୟତା ମୂଳକ । ଏହି ଯୋଜନା ଅନୁଯାୟୀ ଶ୍ରମିକ ମାନଙ୍କର ମଜୁରି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ବ୍ୟବସ୍ଥା ଅଛି । ଏହି ଯୋଜନାରେ ବ୍ୟବହୃତ ହେଉଥିବା ବାହ୍ୟ ସାମଗ୍ରୀ ନିମନ୍ତେ କେନ୍ଦ୍ର ଓ ରାଜ୍ୟର ଅଂଶ ଅନୁପାତ 75:25 ଅଟେ । ଏଥିନିମନ୍ତେ **1000 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ଯୋଜନାର ଶ୍ରମ ଉପାଦାନ ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ବୃକ୍ଷରୋପଣ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଗ୍ରାମୀଣ ଆବାସ, କେନାଲ ବ୍ୟବସ୍ଥାର ଉନ୍ନତିକରଣ ଓ ଚାଷ ଜମିରେ ପୁଷ୍କରଣୀ ଖନନ ହାତକୁ ନିଆଯାଇ ପାରିବ । ଆର୍ଥିକ ବର୍ଷ 2016-17 ରେ **2030 କୋଟି ଟଙ୍କା** ବିଭିନ୍ନ ଯୋଜନା ସହ ସହଭାଗିତାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର ହୋଇଥିଲା । 2017-18 ଆର୍ଥିକ ବର୍ଷ ପାଇଁ ଏହାକୁ ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ଯୋଜନା ରହିଛି । କେନ୍ଦ୍ର ସରକାରଙ୍କ ଠାରୁ ପାଣ୍ଠି ଉପଲବ୍ଧିରେ ବିଳମ୍ବ ହେଲେ ଗ୍ରାମବାସୀ ମାନଙ୍କୁ ନିଶ୍ଚିତ ଭାବରେ ମଜୁରି ପ୍ରଦାନ ଓ କର୍ମ ଯୋଗାଣ ନିମନ୍ତେ **300 କୋଟି ଟଙ୍କା**ର ଏକ **କର୍ପସ ପାଣ୍ଠି** ସୃଷ୍ଟି କରିବାର ପ୍ରସ୍ତାବ ରଖାଯାଇଛି । କେନ୍ଦ୍ର

ସରକାରଙ୍କଠାରୁ ଅର୍ଥ ପ୍ରାପ୍ତିରେ ବିଳମ୍ବ ହେଲେ ଶ୍ରମଜୀବିମାନଙ୍କୁ ଉକ୍ତ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ ।

60. ଗ୍ରାମାଞ୍ଚଳରେ ବାସକରୁଥିବା ପରିବାରଙ୍କ ଘରୋଇ ଆୟବୃଦ୍ଧି ନିମନ୍ତେ ଜାତୀୟ ଗ୍ରାମ୍ୟ ଜୀବିକା ମିଶନ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଉନ୍ନତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏଥି ନିମନ୍ତେ **357 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ 60:40 ଅନୁପାତରେ ଖର୍ଚ୍ଚ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଶ୍ୟାମା ପ୍ରସାଦ ମୁଖାର୍ଜୀ RURBAN ମିଶନ ମାଧ୍ୟମରେ ଗ୍ରାମାଞ୍ଚଳରେ ସହରାଞ୍ଚଳର ସୁବିଧା ଯୋଗାଇବା ନିମନ୍ତେ 100 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ଯୋଜନା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର 50:50 ଅନୁପାତରେ ଅର୍ଥ ବ୍ୟବସ୍ଥା କରିବେ ।

61. ରାଜ୍ୟର ସବୁ ଜିଲ୍ଲାରେ ମୌଳିକ ଭିତ୍ତିଭୂମି ଯଥା ବଜୁଳି, ସଡକ ଓ ପାଣି ଯୋଗାଇ ଦେବାପାଇଁ **ଗୋପବନ୍ଧୁ ଗ୍ରାମୀଣ ଯୋଜନା** କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ପାଇଁ **300 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

62. ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁସାରେ ସରକାରଙ୍କର ତୃତୀୟ ସ୍ତରରେ ଥିବା ପଞ୍ଚାୟତିରାଜ ସଂସ୍ଥା ପାଇଁ ଅର୍ଥ ହସ୍ତାନ୍ତର କରାଯାଉଛି । ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ଆମେ ପଞ୍ଚାୟତିରାଜ ସଂସ୍ଥାକୁ ଯଥାକ୍ରମେ **1725 କୋଟି ଟଙ୍କା** ଏବଂ **1629**

**କୋଟି ଟଙ୍କା** ପ୍ରଦାନ କରିବାକୁ ପ୍ରସ୍ତାବ ରଖିଛୁ । ଏହା ଗ୍ରାମ୍ୟ ଜନସାଧରଣଙ୍କୁ ମୌଳିକ ସେବା ଯୋଗାଇ ଦେବାକୁ ସମର୍ଥ ହେବ ।

## ନଗର ଉନ୍ନୟନ

63. ନଗର ଉନ୍ନୟନ ଆର୍ଥିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୂଖ ସୂଚକାଙ୍କ ଅଟେ । ଏଥିପାଇଁ ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନର ଆବଶ୍ୟକତାକୁ ଉପଲବ୍ଧି କରାଯାଇ Urban Transformation Initiatives **ନଗର ରୂପାନ୍ତରୀକରଣ ଉଦ୍ୟମ (UNNATI)** ନାମରେ ଏକ ନୂତନ କାର୍ଯ୍ୟକ୍ରମ ପ୍ରଣୟନ କରାଯାଇଛି । ଏହା ନଗରାଞ୍ଚଳ ରାସ୍ତା ଏବଂ ନାଗରିକ ସୁବିଧା ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା ପାଇଁ ବଜେଟରେ **294 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଅଛି ।

64. ରାଜ୍ୟରୁ ସ୍ଥାନୀୟ ନୀକାୟ ସଂସ୍ଥାଙ୍କୁ ହସ୍ତାନ୍ତର; ଯାହା ପ୍ରଶାସନର ତୃତୀୟ ସୋପାନ ଏବଂ ରାଜ୍ୟ ବଜେଟର ଚତୁର୍ଥ ବିଭାଗ ଅନୁଯାୟୀ ଅର୍ଥ ଆବଣ୍ଟନ ନିମନ୍ତେ ଉଦ୍ଦିଷ୍ଟ । ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ମତେ ରାଜ୍ୟର ନଗରାଞ୍ଚଳ ନୀକାୟ ସଂସ୍ଥା ପାଇଁ ଯଥାକ୍ରମେ **351 କୋଟି ଟଙ୍କା** ଓ **1117 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏହା ନଗରାଞ୍ଚଳ ଜନ ସାଧାରଣଙ୍କୁ ମୌଳିକ ନାଗରିକ ସେବା ଯୋଗାଇ ଦେବାରେ ସମର୍ଥ ହେବ ।

65. ଭୂବନେଶ୍ୱର ଓ ରାଉରକେଲା ନଗର "ସ୍ମାର୍ଟ ସିଟି" ମିଶନରେ ଅନ୍ତର୍ଭୁକ୍ତ ହୋଇଛି । ଏହି ମିଶନ ମାଧ୍ୟମରେ ମୌଳିକ ଭିତ୍ତିଭୂମିର ବିକାଶ, ଉନ୍ନତ ଜୀବନ ଯାତ୍ରା ପ୍ରଣାଳୀ, ସ୍ୱଚ୍ଛ ଓ ପୋଷଣୀୟ ପରିବେଶ

ଏବଂ ନାଗରିକ ସେବାର ତ୍ୱରିତ ସମାଧାନ ହୋଇପାରିବ । ଏହି ସ୍ମାର୍ଟ ସିଟି ମିଶନ ପାଇଁ ବ୍ୟୟ ବରାଦ ପରିମାଣ **392 କୋଟି ଟଙ୍କା** ଅଟେ ।

୬୬. ନଗରାଞ୍ଚଳ ପୁର୍ନଜୀବନ ଏବଂ ନଗରାଞ୍ଚଳ ରୂପାନ୍ତରିକରଣ ପାଇଁ ଅଟଳ ମିଶନ (AMRUT) ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି । ଏହା ନଗରାଞ୍ଚଳର ଜୀବନଧାରଣମାନକୁ ଉନ୍ନତ କରିବା ନିମନ୍ତେ ଉନ୍ନତ ମାନର ମୌଳିକ ସୁବିଧା ଓ ସେବା ଯୋଗାଇ ଦେବ । ଆମ ରାଜ୍ୟର ୨ ଟି ସହାରାଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ । ଏଥି ନିମନ୍ତେ ବଜେଟରେ **215 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ଏବଂ 'ଜାତୀୟ ନଗରାଞ୍ଚଳ ଜିବୀକା ମିଶନ' ପାଇଁ **43 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

67. ନଗରାଞ୍ଚଳରେ ଗହଳି ଓ ବାୟୁ ପ୍ରଦୁଷଣକୁ ହ୍ରାସ କରିବା ନିମନ୍ତେ ସରକାରୀ ପରିବହନ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଆମ ସରକାର **17 କୋଟି ଟଙ୍କା** ବ୍ୟୟବରାଦ କରିଛନ୍ତି ।

୬୮. ଜାଇକା ବାହ୍ୟ ସହାୟତା ଦ୍ୱାରା ଭୂବନେଶ୍ୱର ଓ କଟକରେ ପରିମଳ ବ୍ୟବସ୍ଥାର ଉନ୍ନତି କରାଯାଉଛି । ଏହି ପ୍ରକଳ୍ପ ପାଇଁ ବଜେଟରେ **400 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଜର୍ମାନୀର KFW ସଂସ୍ଥା ଠାରୁ ସହାୟତା ଅଣାଯିବ ଏବଂ ଏହା ଓଡ଼ିଶା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଜରିଆରେ ଖର୍ଚ୍ଚ ହେବ । ବେସରକାରୀ ଭାଗିଦାରୀରେ ଏହି ଅର୍ଥ ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା ପାଇଁ ବଜେଟରେ **120 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

୬୯. 2016-17 ଆର୍ଥିକ ବର୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ବ୍ୟୟ ବରାଦ **3357 କୋଟି ଟଙ୍କା** ଥିବା ବେଳେ ଏହା **4478 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି । ଏହି ବୃଦ୍ଧିର ପରିମାଣ 33 ପ୍ରତିଶତ ଅଟେ ।

**ଶକ୍ତି**

70. ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଆଗାମୀ ଦୁଇ ବର୍ଷରେ ସମସ୍ତଙ୍କୁ ବିଦ୍ୟୁତ ଯୋଗାଇବାକୁ ଅଙ୍ଗୀକାରବଦ୍ଧ । ରାଜ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ପରିବହନ ଏବଂ ବଣ୍ଟନ ଭିତ୍ତିଭୂମିକୁ ଦୃଢୀକରଣ କରିବା ପାଇଁ ସରକାରଙ୍କ ଦ୍ୱାରା ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । 2000 ରୁ 2016 ମଧ୍ୟରେ ଉପଭୋକ୍ତା ସଂଖ୍ୟା 16 ଲକ୍ଷରୁ 64 ଲକ୍ଷକୁ ବୃଦ୍ଧି ପାଇଛି ।

71. ରାଜ୍ୟରେ 2014, ମାର୍ଚ୍ଚ 31 ତାରିଖ ପର୍ଯ୍ୟନ୍ତ 31x11 KV କ୍ଷମତା ବିଶିଷ୍ଟ କେବଳ 600 ସବ୍-ଷ୍ଟେସନ ଥିଲା । ଏବେ ଓଡିଶାର ଜନସାଧାରଣଙ୍କୁ ସଠିକ୍ ଭୋଲ୍ଟେଜରେ ଚବିଶ ଘଣ୍ଟା ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ଯୋଜନାରେ 500 ଟି 31x11 KV ସବ୍-ଷ୍ଟେସନ ନିର୍ମାଣ କରାଯିବ । ଏଥିପାଇଁ 511 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

72. "ସମସ୍ତଙ୍କ ପାଇଁ ବିଦ୍ୟୁତ୍ ସେବା" କୁ ନିଶ୍ଚିତ କରିବା ନିମିତ୍ତ **ବିଜୁ ଗ୍ରାମ ଜ୍ୟୋତି ଯୋଜନା** ଓ କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତକରଣ ଯୋଜନା (RGGVY) ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନା (DDUGJY) ରେ ରାଜ୍ୟ ଅଂଶ ବାବଦକୁ ୩୫୫ କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ରହିଛି । କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା କାର୍ଯ୍ୟକାରୀ କରୁଥିବା ସଂସ୍ଥାଗୁଡିକୁ କେନ୍ଦ୍ର ଅଂଶ ପ୍ରତ୍ୟକ୍ଷ ଭାବରେ ପ୍ରଦାନ କରାଯାଉଛି ।

73. ଚବିଶ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଲକ୍ଷ୍ୟ ରଖି ଭୁବନେଶ୍ୱର ଓ କଟକର ସହରାଞ୍ଚଳ ପାଇଁ ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତିକରଣ (State Capital Region Improvement of Power System) ନିମନ୍ତେ **150 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି ।

74. ବିଦ୍ୟୁତ ଶକ୍ତି, ପରିବହନ ଓ ବଣ୍ଟନର ଭିତ୍ତିଭୂମିକୁ ଉନ୍ନତ କରିବା ଓ ସହରାଞ୍ଚଳରେ ସର୍ବମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତିକୁ (AT & C loss) ହ୍ରାସ କରିବାପାଇଁ ପୁନର୍ବିନ୍ୟାସିତ ତ୍ୱରିତ ବିଦ୍ୟୁତ ସଂସ୍କାର ଯୋଜନା (R-APDRP) ଅଧୀନରେ **105 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି । **ସମନ୍ୱିତ ଶକ୍ତି ବିକାଶ ଯୋଜନା** (IPDS) ଅଧୀନରେ **100 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି, ଯଦ୍ୱାରା ବିଦ୍ୟୁତ ସମ୍ପ୍ରସାରଣ ଓ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରାଯିବ ।

75. ବିଦ୍ୟୁତ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାରୀ ଉଦ୍ୟୋଗ ଗୁଡିକରେ ଅଂଶଧନ ବିନିଯୋଗ ବାବଦକୁ **189 କୋଟି ଟଙ୍କା** ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏତଦବ୍ୟତୀତ Radial to Ring Conversion **ଯୋଜନା** ପାଇଁ **40 କୋଟି ଟଙ୍କା**, ବିପର୍ଯ୍ୟୟ ପ୍ରତିରୋଧକ ଶକ୍ତି ବ୍ୟବସ୍ଥା ପାଇଁ **50 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ସବୁଜ ଶକ୍ତିର ଗୁରୁତ୍ୱକୁ ଉପଲବ୍ଧିକରି ସରକାର **ଓଡିଶା ଅକ୍ଷୟ ଶକ୍ତି ନୀତି** ପ୍ରଣୟନ କରିଛନ୍ତି ଏବଂ **ଓଡିଶା ଅକ୍ଷୟ ଶକ୍ତି ଉନ୍ନୟନ ପାଣ୍ଠି** ପ୍ରତିଷ୍ଠା ଘୋଷଣା କରିଛନ୍ତି । ଏଥିପାଇଁ **50 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**ସଡକ, ରେଳ ଓ ପରିବହନ**

76. ସଡକ ସଂଯୋଗୀକରଣ ଉନ୍ନୟନ ଓ ଅଭିବୃଦ୍ଧିର ମୁଖ୍ୟ ନିର୍ଣ୍ଣାୟକ । 1310 କି.ମି ସଡକର ଉନ୍ନତି ଏବଂ ଗୁରୁପ୍ରିୟା, ଇବ୍, ନେଲସନ୍ ମଣ୍ଡେଲା, ଚିତେଇ ଏବଂ କୁଶଭଦ୍ରା ସମେତ 37 ଗୋଟି ସେତୁ ନିର୍ମାଣ ଏବଂ 3 ଗୋଟି ରେଳ ଓଭର ବ୍ରିଜ୍ ପାଇଁ ପୂର୍ତ୍ତ ବିଭାଗରେ **3278 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି । ରାଜ୍ୟ ରାଜପଥ ଉନ୍ନୟନ ଯୋଜନା ଅଧିନରେ ରାଜ୍ୟ ରାଜପଥର ଦୋହରୀକରଣ ପାଇଁ **500 କୋଟି ଟଙ୍କା**, ସରକାର ଓ ଘରୋଇ ସହଭାଗୀତାରେ **120 କୋଟି ଟଙ୍କା**ର ସଡକ ପ୍ରକଳ୍ପ, ମାଓପ୍ରବଣ ପ୍ରଭାବିତ ଅଞ୍ଚଳ ପାଇଁ **20 କୋଟି ଟଙ୍କା**, ପଶ୍ଚିମ ଓଡିଶା ଏବଂ କେବିକେ ଜିଲ୍ଲାରେ ବିଜୁ ଏକ୍ସପ୍ରେସୱେ ଯୋଜନା ଅଧୀନରେ ସଂଯୋଗୀକରଣର ଉନ୍ନତି ପାଇଁ **180 କୋଟି**

**ଟଙ୍କା**, କେନ୍ଦ୍ରୀୟ ସଡକ ପାଣ୍ଠି ପ୍ରକଳ୍ପ ପାଇଁ **505 କୋଟି ଟଙ୍କା** ଏବଂ ବିଜୁ କେବିକେ ଯୋଜନା ପାଇଁ **30 କୋଟି ଟଙ୍କା** ଏଥିରେ ଅନ୍ତର୍ଭୁକ୍ତ । ରକ୍ଷଣାବେକ୍ଷଣ ପାଇଁ **858 କୋଟି ଟଙ୍କା** ମଧ୍ୟ ବ୍ୟବସ୍ଥା କରାଯାଇଛି ।

77. ଗ୍ରାମୀଣ ସଡକ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ 5000 କି.ମି ସଡକ ନିର୍ମାଣ ନିମନ୍ତେ **2300 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ଯୋଗ୍ୟ ହେଉନଥିବା ବସତି ପାଇଁ ସଂଯୋଗୀକରଣ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ **395 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି । ବିଜୁ ସେତୁ ଯୋଜନା ଅଧୀନରେ 150ଟି ସେତୁ ସଂପୂର୍ଣ୍ଣ କରିବାକୁ **500 କୋଟି ଟଙ୍କା**ର ବ୍ୟବସ୍ଥା କରାଯାଇଛି । କେବିକେ ଜିଲ୍ଲାରେ ଯୋଗାଯୋଗ ନଥିବା ବସତିକୁ ସଂଯୋଗୀକରଣ କରିବାକୁ 233 କି.ମି. ଦୀର୍ଘ 78 ସଂଯୋଗକାରୀ (Arterial) ସଡକର ଉନ୍ନତି କରଣ ପାଇଁ **125 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ବିଜୁ କେବିକେ ଯୋଜନା ଅଧୀନରେ 260 କି.ମି. ଗ୍ରାମୀଣ ସଡକ ନିର୍ମାଣ ପାଇଁ **45 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ନିର୍ମିତ ସଡକର ନିୟମିତ ରକ୍ଷଣାବେକ୍ଷଣ ପାଇଁ **370 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

78. ଏକ ନୂତନ ଯୋଜନା **'ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ'** (Connecting unconnected villages) ପାଇଁ **50 କୋଟି ଟଙ୍କା**

ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ଅଧୀନରେ 17 ଗୋଟି ମାଓ ପ୍ରଭାବିତ ଜିଲ୍ଲାର 142ଟି ସୁଦୂର ଓ ଅଗମ୍ୟ ଗ୍ରାମକୁ ସଂଯୋଗୀକରଣ କରାଯିବ । ପଞ୍ଚାୟତିରାଜ ବିଭାଗ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେବ । ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧୀନରେ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ଚାଲୁରହିବ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର "UNNATI" ଯୋଜନା ମାଧ୍ୟମରେ ସହରୀ ରାସ୍ତା ନିର୍ମାଣ ହେବ । ଅର୍ଥ କମିଶନଙ୍କ ଅନୁଦାନ ଅନୁସାରେ ଗ୍ରାମ୍ୟ ଓ ନଗରାଞ୍ଚଳ ସ୍ଥାନୀୟ ନିକାୟ ସଡକ ପ୍ରକଳ୍ପର କାମ କରିବେ ।

୭୯. ରେଳ ସଂଯୋଗୀକରଣ ସମ୍ପର୍କରେ ଖୋର୍ଦ୍ଧା-ବଲାଙ୍ଗୀର ସଂଯୋଗ, ନବରଙ୍ଗପୁର-ଜୟପୁର-ମାଲକାନଗିରି ସଂଯୋଗ ଏବଂ ଭୁବନେଶ୍ୱର ରେଳ ଷ୍ଟେସନର ଆଧୁନିକୀକରଣ ପ୍ରକଳ୍ପ ପାଇଁ **160 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ରହିଛି । ରାଜ୍ୟରେ ବାଣିଜ୍ୟିକ ସାମର୍ଥ୍ୟ ରେଳ ପ୍ରକଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର 26 ପ୍ରତିଶତ ସାଧାରଣ ଅଂଶ ବନିଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିରେ ବିଗତ 3 ବର୍ଷ ମଧ୍ୟରେ SPV ଜରିଆରେ ରାଜ୍ୟ ଭିତରେ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ **252 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି । ଏଥିପାଇଁ ବଜେଟ୍‌ରେ **75 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

୮୦. ବିମାନ ଚଳାଚଳ ସଂଯୋଗ ବୃଦ୍ଧି ପାଇଁ ଉଡାଜାହାଜ ପଡିଆ ନିର୍ମାଣ ନିମନ୍ତେ **40 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଭାରତ ସରକାର ରାଜ୍ୟର ଛୋଟଛୋଟ ସହରକୁ ବିମାନ ସେବା ସଂଯୋଗୀକରଣ ପାଇଁ ଏକ ନୂତନ ଯୋଜନା, ଆଞ୍ଚଳିକ

ସଂଯୋଗୀକରଣ ଯୋଜନା (RCS) - UDAN ପ୍ରଣୟନ କରିଛନ୍ତି । ଏଥିପାଇଁ e-bidding ପକ୍ରିୟାରେ ୪ ଗୋଟି ଉଡାଜାହାଜ ପଡିଆ/ବିମାନ ବନ୍ଦର ନିର୍ମାଣ କରାଯିବ । ଭାରତ ସରକାର ଓ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ମଧ୍ୟରେ (RCS) - UDAN ଯୋଜନାରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ ।

୪୧. ପରିବହନ ବିଭାଗର ନିୟନ୍ତ୍ରିତ ଭିତ୍ତିଭୂମି ଆଧୁନିକୀକରଣ କୁ ଅଗ୍ରାଧୀକାର ଦିଆଯାଉଛି ଏବଂ ଏହି ଉଦ୍ଦେଶ୍ୟରେ **30 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ପୁନଶ୍ଚ ବସ୍ ଟର୍ମିନାଲ ଯୋଜନା, ବିଜୁ ଗାଁ ଗାଡି ଯୋଜନା ଏବଂ ସଡକ ସୁରକ୍ଷା କାର୍ଯ୍ୟ ପାଇଁ ଆବଶ୍ୟକ ବ୍ୟୟବରାଦ କରାଯାଇଛି ।

## ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ନ୍ୟାୟିକ ପ୍ରଶାସନ

୪୨. ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ନ୍ୟାୟିକ ପ୍ରଶାସନ ପାଇଁ **4682 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି, ଯେଉଁଥିରେ କୋର୍ଟ, ପୁଲିସ, ଅଗ୍ନିଶମ ସେବା ଏବଂ କାରାଗାର ପାଇଁ ଗୃହ ନିର୍ମାଣ ଓ ଉପକରଣ ପାଇଁ **300 କୋଟି ଟଙ୍କା** ଅନ୍ତର୍ଭୁକ୍ତ । କୋର୍ଟ ନଥି Digitisation ପାଇଁ **2 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି । ମାନ୍ୟବର ସଦସ୍ୟମାନେ ଜାଣି ଖୁସି ହେବେ ଯେ କର୍ଣ୍ଣାଟକ ସରକାର ବେଙ୍ଗାଲୁରୁ ରେ ଓଡିଶା ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେଇଛନ୍ତି ଏବଂ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ।

## ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ଶିଳ୍ପ

୪୩. ଆମ ବୁଣାକାର ଓ କାରିଗରଙ୍କ ସାମର୍ଥ୍ୟ ଅନୁସାରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ବଜେଟ୍‌ରେ ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ରରେ **202 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ରୂପରେଖର ଉନ୍ନତି, ଉତ୍ପାଦନ ବୃଦ୍ଧି, ବିପଣନ ପାଇଁ ସହାୟତା, ଋଣ ସୁବିଧା, ବୁଣାକାର ଏବଂ ହସ୍ତଶିଳ୍ପିଙ୍କର ସାମର୍ଥ୍ୟ ବୃଦ୍ଧି ଓ ସେମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

୪୪. **"ବରିଷ୍ଠ ବୁଣାକାର ସହାୟତା ଯୋଜନା"** ନାମରେ ଏକ ନୂତନ ଯୋଜନା ପ୍ରଣୟନ ହୋଇଛି । ଏଥିପାଇଁ **5 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା, ରାଜ୍ୟର ଯେଉଁ ବୁଣାକାରମାନେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେଇ ଓଡିଶାର କଳା ଏବଂ କାରୀଗରିକୁ ବଞ୍ଚାଇ ରଖିଛନ୍ତି, ସେମାନଙ୍କୁ ପୁରସ୍କୃତ କରିବା ପାଇଁ ଉଦ୍ଦିଷ୍ଟ । 60 ବର୍ଷ ଓ ୫0 ବର୍ଷ ବୟସର ପ୍ରତ୍ୟେକ ବୁଣାକାରଙ୍କୁ ମାସିକ ଯଥାକ୍ରମେ 500 ଟଙ୍କା ଓ 700 ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯିବ, ଯାହା ସିଧାସଳଖ ଭାବେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ ।

୪୫. 3000 ହଜାରୁ ଅଧିକ ଯୁବକ/ଯୁବତୀ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ନେଉଛନ୍ତି ଏବଂ ଏମାନଙ୍କ ମଧ୍ୟରୁ 2000 ଯୁବକ/ଯୁବତୀ ଦେଶର ବିଭିନ୍ନ ବୟନ ଶିଳ୍ପ ଓ ଆନୁସଙ୍ଗିକ ଶିଳ୍ପରେ ନିଯୁକ୍ତି ପାଇଛନ୍ତି । ଓଡିଶା ପୋଷାକ ନୀତି ନିକଟ ଅତୀତରେ ପ୍ରଣୟନ ହୋଇଛି ଏବଂ ଏଥିପାଇଁ

ଅନେକ ନିବେଶ ପ୍ରସ୍ତାବ ଆସିଛି । ଭୁବନେଶ୍ୱର ଠାରେ ରାଜ୍ୟ କାରିଗରି ସଂଗ୍ରାହଳୟ କାର୍ଯ୍ୟକ୍ଷମ ହେବ ।

୪୬. ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଯାହାର ଓଡିଶା ଅର୍ଥନୀତି ପାଇଁ ଉଲ୍ଲେଖନୀୟ ଅବଦାନ ଅଛି, ସେଥି ନିମନ୍ତେ **149 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି; ଯାହାକି ଚଳିତ ବର୍ଷ ତୁଳନାରେ 34 ପ୍ରତିଶତ ଅଧିକ । ଦୁଇଟି ନୂଆ ନୀତି ଯଥା ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ଏବଂ ଏମ୍.ଏସ୍.ଏମ.ଇ-ନୀତି ନିକଟ ଅତୀତରେ ପ୍ରଣୟନ ହୋଇଛି । ଏହି ନୀତି ଅନୁସାରେ ୟୁନିଟ୍ ସ୍ଥାପନ ନିମନ୍ତେ ଯଥା ଯୋଗ୍ୟ ବ୍ୟୟ ବରାଦ କରାଯାଇଛି । ଓଡିଶା କାର୍ଯ୍ୟାରମ୍ଭ ନୀତିର ସହାୟତା ପାଇଁ **5 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

୪୭. ଶିଳ୍ପ ବିଭାଗ ପାଇଁ ଚଳିତ ବର୍ଷ ବ୍ୟୟ ବରାଦ **93 କୋଟି ଟଙ୍କା** ଥିବାବେଳେ ଏହାକୁ **260 କୋଟି ଟଙ୍କା**କୁ ଆଖି ଦୃଶିଆ ଭାବରେ ବୃଦ୍ଧି କରାଯାଇଛି । ଏହା ମୁଖ୍ୟତଃ ଶିଳ୍ପ ନୀତି ଅଧୀନରେ ଥିବା ବକେୟା ଦେୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ । 2015 ଶିଳ୍ପ ନୀତି ଓ ସଂକଳ୍ପ ଆଧାରରେ Single Window Clearance ଓ ସହଜ ପ୍ରଣାଳୀରେ ସରକାର ଶକ୍ତିଶାଳୀ ଶିଳ୍ପକ୍ଷେତ୍ର ସୃଷ୍ଟି ପାଇଁ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି । Make-in-Odisha Conclave କୁ ଆଶାତୀତ ସଫଳତା ମିଳିଛି । ରାଜ୍ୟରେ ସୁବିଧାରେ ବ୍ୟବସାୟ ବାତାବରଣ ସୃଷ୍ଟି କରିବା ପାଇଁ ଅନେକ ଗୁଡିଏ ପଦକ୍ଷେପ ନିଆଯାଇଛି ଏବଂ ଆଉ ଅନେକଗୁଡିଏ ପଦକ୍ଷେପ ଗ୍ରହଣ କରିବାର ପ୍ରସ୍ତାବ ଅଛି । ଶିଳ୍ପ ଭିତ୍ତିଭୂମି ପାଣ୍ଠି ପାଇଁ **20 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏହା ଶିଳ୍ପ ପୁଞ୍ଜକୁ ଗୁଣାତ୍ମକ ଭିତ୍ତିଭୂମି ଯୋଗାଇବା ପାଇଁ ଉଦ୍ଦିଷ୍ଟ ।

୪୪. ଖଣିଜ କ୍ଷେତ୍ର ପାଇଁ ସମନ୍ୱିତ ଖଣି, ଖଣିଜ ଦ୍ରବ୍ୟ ଏବଂ ପରିଚାଳନା ବ୍ୟବସ୍ଥା ପାଇଁ **18 କୋଟି ଟଙ୍କା** ଏବଂ ଖଣି ଉତ୍ତୋଳନ ଓ ନିଲାମ ପାଇଁ **18 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**ଜଙ୍ଗଲ ଓ ପରିବେଶ**

୪୭. ଜଙ୍ଗଲ କ୍ଷୟ, ଖଣି ଖନନ ଓ ଶିଳ୍ପ ଭିତ୍ତିକ କାର୍ଯ୍ୟକ୍ରମର କୁପ୍ରଭାବକୁ ପ୍ରତିହତ କରିବା ପାଇଁ ଜଙ୍ଗଲ ଏବଂ ବନ୍ୟଜନ୍ତୁ ଆବାସସ୍ଥଳୀ ସୃଷ୍ଟି ସଂଯୋଜନା ଦ୍ୱାରା କରାଯିବ । ରାଜ୍ୟ CAMPA ପାଣ୍ଠିରେ **6000 କୋଟି ଟଙ୍କା** ଅଛି; ଯାହାକି ସମଗ୍ର ଦେଶରେ ସବୁଠାରୁ ଅଧିକ । ପ୍ରତି ବର୍ଷ ଏଥିରେଥିବା ଅର୍ଥରୁ 10 ପ୍ରତିଶତ ଅର୍ଥ ବ୍ୟୟ କରାଯିବ । CAMPA ଅଧୀନରେ ଜଙ୍ଗଲ ସୃଷ୍ଟି ଏବଂ ବନ୍ୟ ଜନ୍ତୁଙ୍କ ପାଇଁ **560 କୋଟି ଟଙ୍କା**ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜଙ୍ଗଲ ସୃଷ୍ଟି ପାଇଁ **250 କୋଟି ଟଙ୍କା** ବିନିଯୋଗ କରାଯିବ । ଏତଦ୍‌ବ୍ୟତୀତ 2017-18 ଆର୍ଥିକ ବର୍ଷରେ ଚାରା ରୋପଣ ଓ ଜଙ୍ଗଲ ସୃଷ୍ଟି ପାଇଁ "ରାଜ୍ୟରେ ସବୁଜ ବଳୟ ବୃଦ୍ଧି" ଯୋଜନା ନିମନ୍ତେ **42 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ଓ ଜାଇକା ଦ୍ୱାରା ବୈଦେଶିକ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅଧୀନରେ ଜଙ୍ଗଲ ସୃଷ୍ଟି ଓ ଚାରା ଗଛ ପରିଚାଳନା ପାଇଁ **79 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏହା "ଓଡ଼ିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ, ଫେଜ୍‌-II" ନାମରେ ଅଭିହିତ । ହସ୍ତୀ ସୁରକ୍ଷା ବଳୟ ସମେତ ବନ୍ୟ ଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ପାଇଁ **30 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

୨୦. "ଆମ ଜଙ୍ଗଲ ଯୋଜନା" ପ୍ରକଳ୍ପ ମାଧ୍ୟମରେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ପାଇଁ ଗୁରୁତ୍ୱ ଆରୋପ କରାଯାଉଛି ଏବଂ ଯୁଗ୍ମ ବନ୍ୟ ପରିଚାଳନା ଅଧୀନରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକଙ୍କର ଜୀବିକା ଅର୍ଜନ ନିମନ୍ତେ ବଜେଟ୍‌ରେ **10 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଚିଲିକା ହ୍ରଦର ପରିବେଶ ପୁନରୁଦ୍ଧାର କାର୍ଯ୍ୟକ୍ରମ ସହିତ ଅନ୍ୟ ପ୍ରମୁଖ ଅଗ୍ରାଧିକାର କ୍ଷେତ୍ରରେ ପରିବେଶ ପର୍ଯ୍ୟଟନ ବିକାଶ ପାଇଁ କାର୍ଯ୍ୟକ୍ରମ ନିଆଯାଉଛି ।

## ପର୍ଯ୍ୟଟନ ଉନ୍ନୟନ

**91.** ରାଜ୍ୟ ସରକାର ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବା, ଘରୋଇ ଭାଗିଦାରୀର ପରିବୃଦ୍ଧି, ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ଏବଂ ବିପଣନ ବୃଦ୍ଧି ଓ ବୌଦ୍ଧ ପର୍ଯ୍ୟଟନ ଏବଂ ଜୈବ ପର୍ଯ୍ୟଟନ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ କରିବା ପାଇଁ ପର୍ଯ୍ୟଟନ ନୀତି 2016 ପ୍ରଣୟନ କରିଛନ୍ତି । ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ମୋଟ **293 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି; ଯେଉଁଥିରେ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତିକରଣ ଓ ପରିଚାଳନା ପାଇଁ **86 କୋଟି ଟଙ୍କା**, ପର୍ଯ୍ୟଟନ ଶିଳ୍ପ ଉନ୍ନତିକରଣ ପାଇଁ **55 କୋଟି ଟଙ୍କା** ଓ "ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା" ପାଇଁ **6.50 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ପର୍ଯ୍ୟଟନ ଭିତ୍ତିଭୂମିର ଏକ ପ୍ରମୁଖ ଅଂଶ ଭାବରେ ପୁରୀଠାରେ ଏକ ବାଲୁକା ଶିଳ୍ପ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ । ଏୟାର ଏସିଆ ବରହାଦ୍ ସହିତ ଭୁବନେଶ୍ୱରରୁ କୁଆଲାଲୁମପୁରକୁ ସିଧା ସଳଖ ଆନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । 2017 ଏପ୍ରିଲ ମାସର ଶେଷ ସପ୍ତାହରେ ପ୍ରଥମ ବିମାନ ଚଳାଚଳ ହେବା ଆଶା

କରାଯାଉଛି । ଏହା ଦକ୍ଷିଣ ପୂର୍ବ ଏସିଆ ଦେଶ ମାନଙ୍କରୁ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ ।

## ସଂସ୍କୃତି ଏବଂ ଐତିହ୍ୟ

୨୨. ଐତିହାସିକ କୀର୍ତ୍ତିରାଜି, ସ୍ଥାପତ୍ୟ, ପ୍ରତ୍ନତାତ୍ତ୍ୱିକ ସ୍ଥାନ ଆଦିବାସୀ ଏବଂ ପାରମ୍ପାରିକ କଳା, ଉଚ୍ଚ ସାଂସ୍କୃତିକ ଐତିହ୍ୟ ପାଇଁ ଓଡ଼ିଶା ବିଶ୍ୱ ବିଖ୍ୟାତ । ସେଥିପାଇଁ ଓଡିଶାର ସଂସ୍କୃତି ଦ୍ୱାରା ଆକୃଷ୍ଟ ହୋଇ ପର୍ଯ୍ୟଟକ ଓ ଗବେଷକମାନେ ଏଠାକୁ ଆସିଥାନ୍ତି । ରାଜ୍ୟ ସରକାର ରାଜ୍ୟର ପ୍ରାଚୀନ ପାରମ୍ପାରିକ ଏବଂ ଲୋକ ନୃତ୍ୟର ଉନ୍ନତି, ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଅନେକ ଗୁଡିଏ ପଦକ୍ଷେପ ନେଉଛନ୍ତି ।

୨୩. ସବୁପ୍ରକାର କଳା ଏବଂ କଳାକାରଙ୍କର ଉନ୍ନତି ପାଇଁ ଭୁବନେଶ୍ୱର ଠାରେ 6 ଏକର ପରିମିତ ଜମିରେ କଳାମଣ୍ଡଳ ସ୍ଥାପିତ ହେବାକୁ ଯାଉଛି । ଏହି କଳାମଣ୍ଡଳ ନିର୍ମାଣ ପାଇଁ ଇଡ୍‌କୋ ପାଖରେ **10 କୋଟି ଟଙ୍କା** ରଖାଯାଇଛି । ପ୍ରେକ୍ଷାଳୟ ଏବଂ କଳାମଣ୍ଡପର ଉନ୍ନତି ଓ ନବୀକରଣ ପାଇଁ **5 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ଭାରତୀୟ ଭାଷା କେନ୍ଦ୍ର ସହିତ ଆଦିକବି ସାରଳା ଦାସ ଚେୟାର ପ୍ରତିଷ୍ଠା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ହାଇଦ୍ରାବାଦ ବିଶ୍ୱ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଜୁରାଟରେ ଭକ୍ତକବି ମଧୁସୂଦନ ରାଓ ଏବଂ କୁନ୍ତଳାକୁମାରୀ ସାବତଙ୍କ ନାମରେ ଦୁଇଟି ଚେୟାର ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ଅଛି । ଏହି ଉଦ୍ଦେଶ୍ୟରେ ପ୍ରାୟ **8 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ନୟାଗଡ ଜିଲ୍ଲାର ଦାଶରଥି ପଟ୍ଟନାୟକ ପାଠାଗାରରେ

ପୋଥି ଓ ପୁସ୍ତକର ସୁରକ୍ଷା ଓ ସଂରକ୍ଷଣ ପାଇଁ **20 ଲକ୍ଷ ଟଙ୍କା** ଅନୁଦାନ ବ୍ୟବସ୍ଥା କରାଯାଇଛି ।

**କ୍ରୀଡା ଓ ଯୁବ ସେବା**

୨୪. ଓଡିଶାର କ୍ରୀଡାବିତ୍ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷ ହାସଲ କରି ଦେଶ ଓ ରାଜ୍ୟକୁ ଗୌରବମଣ୍ଡିତ କରିଛନ୍ତି । କ୍ରୀଡା କାର୍ଯ୍ୟକ୍ରମ ଓ କ୍ରୀଡା ଭିତ୍ତିଭୂମି ବିକାଶ ପାଇଁ ଆମେ ଗୁରୁତ୍ୱ ପ୍ରଦାନ କରିଆସୁଅଛୁ । ଯୁବ ପ୍ରତିଭା ଏବଂ କ୍ରୀଡା କ୍ଷେତ୍ରରେ ଉତ୍କର୍ଷ ହାସଲ ନିମନ୍ତେ ବିଭିନ୍ନ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ଏବଂ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ କରାଯାଉଛି । କ୍ରୀଡା ଓ ଯୁବ ସେବା ବିଭାଗର 2016-17 ବର୍ଷରେ **86 କୋଟି ଟଙ୍କା** ବ୍ୟୟବରାଦ ଥିବାବେଳେ ଏହାକୁ 2017-18 ବର୍ଷ ପାଇଁ **149 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି । ଏହିପରି ଭାବେ ବ୍ୟୟ ଅଟକଳ 75 ପ୍ରତିଶତ ବୃଦ୍ଧି ହୋଇଛି । ତୃଣମୂଳ ସ୍ତରରେ କ୍ରୀଡାର ଉନ୍ନତି ଓ ପରିଚାଳନା ଭିତ୍ତିଭୂମି ପାଇଁ ଏକ ନୂତନ ପଦକ୍ଷେପ Sports with Aim for International Acclaim - SWARNA ହାତକୁ ନିଆଯାଇଛି । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨6 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଜନଜାତି ପିଲାଙ୍କ ପାଇଁ ସ୍ୱତନ୍ତ୍ର କ୍ରୀଡା ପ୍ରତିଯୋଗିତା ସମେତ ସ୍କୁଲସ୍ତରରେ କ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହଭାଗିତାରେ ଅନୁଷ୍ଠିତ ହେବ । ଏହା ବ୍ୟତୀତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପାଇଁ **3 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା

୨୫. ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ । 2017-18 ଆର୍ଥିକ ବର୍ଷରେ **62 କୋଟି ଟଙ୍କା** ବ୍ୟୟବରାଦ ହୋଇଛି, ଯେଉଁଥିରୁ **20 କୋଟି ଟଙ୍କା** ସରକାରୀ କୋଠା ଉପରେ ସୌର ଶକ୍ତି ପ୍ଲାଣ୍ଟ ଏବଂ ସୌର ଶକ୍ତି ଆଧାରରେ ପାନୀୟ ଜଳ ପ୍ରକଳ୍ପର ପ୍ରତିଷ୍ଠା ପାଇଁ ବ୍ୟୟ ହେବ । ଅନ୍ୟାନ୍ୟ ଯୋଜନା ମଧ୍ୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାରର ଉନ୍ନୟନ, ସବୁଜ କୋଠା ନିର୍ମାଣ, ପ୍ଲାନେଟୋରିୟମ ପ୍ରତିଷ୍ଠା ଏବଂ ମାଧ୍ୟମିକ ଛାତ୍ରଙ୍କୁ ଟିଭି କାର୍ଯ୍ୟକ୍ରମ ପ୍ରସାରଣ ମାଧ୍ୟମରେ ଶିକ୍ଷା ଦାନ ଅନ୍ତର୍ଭୁକ୍ତ ।

## ଇଲେକଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା

୨୬. ଆଧୁନିକ ଶାସନ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ଆୟୁଧ । 2017-18 ଆର୍ଥିକ ବର୍ଷ ପାଇଁ **120 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି , ଯେଉଁଥିରୁ **24 କୋଟି** ଏବଂ **16 କୋଟି ଟଙ୍କା** ଯଥାକ୍ରମେ State Wide Area Network (SWAN) ଏବଂ State Data Centre ପାଇଁ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ ଭାରତୀୟ ସଫ୍‌ଟୱେୟାର ଟେକନୋଲୋଜି ପାର୍କ ପ୍ରତିଷ୍ଠା ପାଇଁ **15 କୋଟି ଟଙ୍କା** ବ୍ୟବସ୍ଥା ହୋଇଛି ଏବଂ Infocity-II-IT-SEZ ଉନ୍ନୟନ ପାଇଁ **6 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

## ବିପର୍ଯ୍ୟୟ ପ୍ରଶମନ

୨୭. ଓଡିଶା ବିପର୍ଯ୍ୟୟ ପ୍ରବଣ ଏବଂ ସମୟକ୍ରମେ ଆମେ ଆମର ବିପର୍ଯ୍ୟୟ ପ୍ରଶମନ ଦକ୍ଷତାକୁ ବୃଦ୍ଧି କରିବା ଦ୍ୱାରା ଦେଶରେ ଏବଂ ଦେଶ ବାହାରେ ସ୍ୱୀକୃତି ପାଇଛୁ । ଆମର ଲକ୍ଷ୍ୟକୁ ବିପର୍ଯ୍ୟୟ ପ୍ରଶମନ, ରିଲିଫ୍ ଏବଂ ପରିଚାଳନାରେ ସୁନିର୍ଦ୍ଧିଷ୍ଟ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧୀନରେ ଏକ ଅଲଗା ଅନୁଦାନ ଦାବୀ ନଂ.42 ଆଗତ କରାଯାଉଛି । ବିପର୍ଯ୍ୟୟ ପ୍ରଶମନ ପାଇଁ **2464 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ ରାଜ୍ୟ ଆପଦ ମୁକାବିଲା ପାଣ୍ଠି, ଜାତୀୟ ଆପଦ ମୁକାବିଲା ପାଣ୍ଠି ପାଇଁ ଯଥାକ୍ରମେ **824 କୋଟି ଟଙ୍କା** ଏବଂ **1000 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ବିଶ୍ୱବ୍ୟାଙ୍କ ସହାୟତାରେ 'ଓଡିଶା ବିପର୍ଯ୍ୟୟ ମୁକାବିଲା ପ୍ରକଳ୍ପ' ପାଇଁ **250 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହା ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ କ୍ଷତିଗ୍ରସ୍ତ ଗୃହ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ପୁନଃନିର୍ମାଣ ଯଥା ଆଭ୍ୟନ୍ତରୀଣ ରାସ୍ତା, ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଇତ୍ୟାଦି ପାଇଁ ଉଦ୍ଦିଷ୍ଟ । ଜାତୀୟ ବାତ୍ୟା ବିପଦ ମୁକାବିଲା କାର୍ଯ୍ୟକ୍ରମ ପାଇଁ **387 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

## ଭୂ-ପ୍ରଶାସନ

୨୮. ରାଜସ୍ୱ ପ୍ରଶାସନ ସର୍ଭେ ବନ୍ଦୋବସ୍ତ ଏବଂ ଚକବନ୍ଦୀ କାର୍ଯ୍ୟକ୍ରମ ଓ ରେଜିଷ୍ଟ୍ରେସନ ପାଇଁ **1017 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ ଗୃହ ନିର୍ମାଣ, ଭୂ-ରେକର୍ଡର ଡିଜିଟାଇଜେସନ,

ରେଜିଷ୍ଟ୍ରେସନ ଅଫିସର କମ୍ପ୍ୟୁଟରୀକରଣ ଏବଂ ସରକାରୀ ଜମିର ସୁରକ୍ଷା ଅନ୍ତର୍ଭୁକ୍ତ ।

**ଯୋଜନା ଓ ସଂଯୋଜନା** :

୨୨. 2017-18 ଆର୍ଥିକ ବର୍ଷ ପାଇଁ ଯୋଜନା ଓ ସଂଯୋଜନା ବିଭାଗ ନିମନ୍ତେ ମୋଟ ବ୍ୟୟ ଅଟକଳ **757 କୋଟି ଟଙ୍କା** ଅଟେ । ବିଧାୟକ ଉନ୍ନୟନ ପାଣ୍ଠି ପାଇଁ **147 କୋଟି ଟଙ୍କା**, ବିଜୁ କେବିକେ ଯୋଜନାରେ କେ.ବି.କେ. ଜିଲ୍ଲାରେ ବିଜୁଳି, ସଡକ ଏବଂ ପାଣି ପ୍ରକଳ୍ପର ସଫଳ ରୂପାୟନ ପାଇଁ **250 କୋଟି ଟଙ୍କା** ଏବଂ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ **100 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦକୁ **୫୦ କୋଟି ଟଙ୍କା** ଅନୁଦାନ ଆକାରରେ ପ୍ରଦାନ କରାଯିବାର ପ୍ରସ୍ତାବ ଅଛି । ରାଜ୍ୟ ସରକାରୀ ଓ ବେସରକାରୀ ଭାଗିଦାରୀ ନୀତି ଅନୁସାରେ State Viability Gap Fund ପାଇଁ **60 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏହା ଭିତ୍ତିଭୂମି ଉନ୍ନୟନ ପାଇଁ ଘରୋଇ ଉଦ୍ୟୋଗୀଙ୍କ ଅଂଶ ଗ୍ରହଣକୁ ଉତ୍ସାହିତ କରିବ । ପୁନଶ୍ଚ ବିପଦ ସଂକୁଳ କ୍ଷେତ୍ରରେ ଜିଲ୍ଲା ସ୍ତରରେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ Critical Gap Fund ନିମନ୍ତେ **42 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ଜରୁରୀ ଆବଶ୍ୟତା ଥିବା ଛୋଟ ଏବଂ ଅତ୍ୟାବଶ୍ୟକୀୟ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ନିମନ୍ତେ **40 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ଏବଂ ବିଜୁ କନ୍ଧମାଳ ଓ ଗଜପତି ଯୋଜନା ପାଇଁ **29 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

100. ରାଜ୍ୟର ସଂଗଠିତ ପାଣ୍ଠି ବାହାରେ ବିଭିନ୍ନ ପାଣ୍ଠିରୁ ବଜେଟ ବହିର୍ଭୂତ ସମ୍ବଳ ଉପଲବ୍ଧ ହେବାର ଅଛି, ଯାହା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଏକୀକୃତ କରାଯାଇ ସମ୍ବଳ ଆବଶ୍ୟକତା ପୂରଣ କରିବ ଏବଂ ସମ୍ବଳର ସର୍ବାଧିକ ଉପଯୋଗ ପାଇଁ ପଥ ସୁଗମ କରିବ । ବନୀକରଣ ଜନୀତ କ୍ଷତିପୂରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକାର (CAMPA) ପାଣ୍ଠି (Forest & Envornment Department), ଓଡିଶା ଖଣିଜ ସମ୍ପଦ ପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (OMBADC) ପାଣ୍ଠି (Forest & Envornment Department), ଜିଲ୍ଲା ଖଣିଜ ସମ୍ପଦ ପାଣ୍ଠି (DMF) (Steel & Mines Department), ଓଡିଶା ରାଜ୍ୟ କୃଷି ବିପଣନ ବୋର୍ଡ (OSAM Board) ପାଣ୍ଠି (Co-operation Department), କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ମଙ୍ଗଳ ବୋର୍ଡ ପାଣ୍ଠି (L&ESI Department) ଏହି ବଜେଟର କେତେକ ଉତ୍ସ ଅଟନ୍ତି ।

**ସଂସ୍କାର ପଦକ୍ଷେପ**

101. ଆମେ ସରକାରୀ ଖର୍ଚ୍ଚ ପରିଚାଳନା ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଏବଂ ଏହାକୁ ଫଳପ୍ରଦ କରିବା ପାଇଁ ଅନେକ ଗୁଡିଏ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛୁ । ଏଠାରେ କେତୋଟି ପ୍ରମୁଖ ପ୍ରସ୍ତାବିତ ସଂସ୍କାର ପଦକ୍ଷେପ ଉପରେ ଆଲୋକପାତ କରୁଛି ।

(କ) ଆଉଟ୍‌କମ୍ ବଜେଟ୍ (Outcome Budget) - ବିଧାନ ସଭାରେ ବଜେଟ୍ ପାଶ୍ ହେଲାପରେ ପ୍ରତ୍ୟେକ ବିଭାଗକୁ ସେମାନଙ୍କର ବ୍ୟୟଅଟକଳ ଅନୁଯାୟୀ କାର୍ଯ୍ୟକ୍ରମକୁ ଅର୍ଥ ବ୍ୟବସ୍ଥା ସହିତ ସଂଯୋଗ କରି ଆଉଟ୍‌କମ୍ ବଜେଟ୍ ପ୍ରସ୍ତୁତ କରିବାକୁ କୁହାଯିବ । ଏପରି

ଆଉଟ୍‌କମ୍ ବଜେଟ୍ ବର୍ତ୍ତମାନ 13 ଟି ବିଭାଗ ଦ୍ୱାରା ପ୍ରସ୍ତୁତ ହେଉଛି । ଚଳିତ ବର୍ଷ ଠାରୁ ସବୁ ବିଭାଗ ଏହି ବଜେଟ୍ ପ୍ରସ୍ତୁତ କରିବେ ।

(ଖ) ସ୍ୱଳ୍ପ ସଂଞ୍ଚୟ ଓ ଆନୁଷ୍ଠାନିକ ଅର୍ଥ ନିର୍ଦ୍ଦେଶାଳୟର ପୁର୍ନବିନ୍ୟାସ - ଅର୍ଥନୈତିକ ଅର୍ନ୍ତଭୁକ୍ତିକରଣରେ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ଏହି ଦୁଇ ନିର୍ଦ୍ଦେଶାଳୟର ମିଶ୍ରଣ କରି ତା'ର ପୁର୍ନବିନ୍ୟାସ କରାଯିବ ।

(ଗ) ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS 2.0) - ଟ୍ରେଜେରୀକୁ ସ୍ୱୟଂଚାଳିତ କରିବା ପାଇଁ ଓ ପ୍ରାପ୍ତି ଏବଂ ଖର୍ଚ୍ଚ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ସଂଚାଳିତ କରିବା ଉଦ୍ଦେଶ୍ୟରେ ଓଡିଶାର ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି । ଏହି ବ୍ୟବସ୍ଥାର ଉନ୍ନତି କରାଯାଇ ସମସ୍ତ ଅର୍ଥ କାରବାରକୁ ବିତରଣ ଅଧିକାରଙ୍କ ଠାରୁ ଆରମ୍ଭ କରି ମହାଲେଖାକାରଙ୍କ ପର୍ଯ୍ୟନ୍ତ ଡିଜିଟାଲ୍ ପଦ୍ଧତିରେ ନିର୍ବାହ କରାଯିବ ଏବଂ ଏହା ଏକ କାଗଜ ବିହୀନ କାରବାର ହେବ । ଏଥିସହିତ ଇ-ପ୍ରମାଣ ଏବଂ ଇ-ଦସ୍ତଖତ ବ୍ୟବସ୍ଥା ମଧ୍ୟ ପ୍ରଚଳନ ହେବ । PFMS ସହ ସଂଯୋଗକୁ ଦୃଢ କରାଯିବ ।

(ଘ) ଡିଜିଟାଲ୍ ଦେୟ - ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ସଂସ୍ଥା ନେଟ୍ ବ୍ୟାଙ୍କିଙ୍ଗ୍, କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଓ ଆଧାର ପର୍ଯ୍ୟବେସିତ ଦେୟ ବ୍ୟବସ୍ଥା ଦ୍ୱାରା ସମସ୍ତ ସରକାରୀ ପ୍ରାପ୍ତି ଡିଜିଟାଲ୍ ମାଧ୍ୟମରେ ଗ୍ରହଣ କରିବେ ।

(ଙ) ସିଧାସଳଖ ସହାୟତା ହସ୍ତାନ୍ତର ପୋର୍ଟାଲ୍ (Direct Benefit Transfer Portal) - ହିତାଧିକାରୀ ମାନଙ୍କୁ  ସିଧାସଳଖ ସହାୟତା ହସ୍ତାନ୍ତର କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ । ସିଧାସଳଖ ସହାୟତା ହସ୍ତାନ୍ତର ମାଧ୍ୟମରେ ଛାତ୍ରବୃତ୍ତି, କେନ୍ଦୁପତ୍ର ସଂଗ୍ରହ ଓ ଦେୟ, କୃଷି ସବ୍‌ସିଡି, ଇତ୍ୟାଦ ପ୍ରଦାନ କରାଯାଉଛି । ଠକେଇ ରୋକିବା ଏବଂ

ସମୟୋଚିତ ଦେୟ ପ୍ରଦାନ ପାଇଁ ଏହି ବ୍ୟବସ୍ଥାକୁ ଅନ୍ୟକ୍ଷେତ୍ରକୁ ସଂପ୍ରସାରିତ କରାଯିବ । ଏକ ନୂତନ DBT Portal ଦ୍ୱାରା ବିଭିନ୍ନ ବିଭାଗ ଦେୟ ପ୍ରଦାନର ସାମଗ୍ରୀକ ଆଭିମୁଖ୍ୟ ପ୍ରଦାନ କରାଯିବ ।

(ଚ) ସେବାର ମୂଲ୍ୟନିରୂପଣ ଓ ମାନନିର୍ଦ୍ଧାରଣ - ଯୋଜନା ଓ ଅଣଯୋଜନା ପ୍ରଭେଦ ଦୂର ହେବା ପରେ ବଜେଟରେ ବ୍ୟବସ୍ଥା ହେଉଥିବା କେତେକ ନିର୍ଦ୍ଦିଷ୍ଟ ସରକାରୀ ସେବାର ମୂଲ୍ୟନିରୂପଣ ଓ ମାନନିର୍ଦ୍ଧାରଣ ପାଇଁ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବୃତ୍ତିଗତ ବିଶେଷଜ୍ଞ ସଂସ୍ଥାଙ୍କ ସହାୟତା ନିଆଯିବ ।

(ଛ) ମୂଲ୍ୟାଙ୍କନ, କାର୍ଯ୍ୟକ୍ରମର ସମୀକ୍ଷା ଏବଂ ସରକାରୀ ଖର୍ଚ୍ଚର ପୂରା ମୂଲ୍ୟ - କାର୍ଯ୍ୟକ୍ରମର ଫଳାଫଳ ଓ କାର୍ଯ୍ୟକ୍ରମ ରୂପରେଖ ପ୍ରଦାନରେ ଉନ୍ନତି ଆଣିବା ପାଇଁ ମୂଲ୍ୟାଙ୍କନ ଏବଂ କାର୍ଯ୍ୟକ୍ରମର ଫଳାଫଳ ସମୀକ୍ଷାକୁ ସୁବ୍ୟବସ୍ଥିତ କରାଯିବ ।

**ଉପସଂହାର**

ଉନ୍ନୟନ କ୍ଷେତ୍ରରେ ଆମେ ଅନେକ ଗୁଡିଏ ଆହ୍ୱାନର ସମ୍ମୁଖୀନ ହେଉଛୁ । ଯାହା ହେଉ ଉନ୍ନୟନ ସମ୍ବନ୍ଧୀୟ ସମସ୍ତ ଆହ୍ୱାନକୁ ମୁକାବିଲା କରିବା ନିମନ୍ତେ ଆମର ଦୂରଦୃଷ୍ଟିସମ୍ପର୍ଣ୍ଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟର ଓ ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ଓ କଲ୍ୟାଣ ପାଇଁ ସଂକଳ୍ପବଦ୍ଧ । ଏହି ବଜେଟ୍ ଆମ ସଂକଳ୍ପର ପ୍ରତିଫଳନ । ଆଶା ଓ ବିଶ୍ୱାସ ସହିତ ମୁଁ ଏହି ପବିତ୍ର ଗୃହର ଅନୁମୋଦନ ପାଇଁ ବଜେଟ୍ ପ୍ରସ୍ତାବ ରଖୁଛି ।

ବନ୍ଦେ ଉତ୍କଳ ଜନନୀ

ଜୟ ହିନ୍ଦ୍